ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 16 | 17 - 23 April 2022 | Sambalpur | Page-12 | Invitation Price Rs.10

# ସମ୍ବଲପୁରରେ ଶାନ୍ତି ଶୃଙ୍ଖଳା ସହ ହନୁମାନ ଜୟନ୍ତୀ ପାଳିତ







ସମ୍ବଲପୁର : ଏଠାରେ ହନୁମାନ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ସହରର ବିଭିନ୍ନ ହନୁମାନ ମନ୍ଦିର ଗୁଡିକ ସଜ୍ଜିତ କରାଯିବା ସାଙ୍ଗକୁ ସମଗ୍ର ସହରରେ ଗୈରୀକ ପତାକା ଲଗାଯାଇଥିଲା । ଏଥର ବାହାରିଥିବା ଚିତ୍ତାକର୍ଷକ ଶୋଭାଯାତ୍ରାରେ ବହୁ ସଂଖ୍ୟକ ମହିଳା, ଯୁବତୀ ଓ କିଶୋରୀ ସାମିଲ ହୋଇ ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା । ଶୋଭାଯାତ୍ରା ଦେଖିବା ସହିତ ହନୁମାନଙ୍କ ଆଶୀର୍ବାଦ ଲାଭ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା । ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଶୋଭାଯାତ୍ରାରେ ଗଦା ବୁଲାଉଥିବା ଦେଖିବାକୁ ମିଳିଥିଲା । ହନୁମାନ ଜୟନ୍ତୀ ପରିପ୍ରେକ୍ଷୀରେ ସହରର ବିଭିନ୍ନ ଅଂଚଳରେ ଝଣ୍ଡା ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ୧୨ ତାରିଖ ଦିନ ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ବିଶାଳ ବାଇକ୍ ଶୋଭାଯାତ୍ରା ବାହାର କରାଯାଇଥିଲା । ଧନକଉଡ଼ା ଏବଂ ଭତରା ଅଂଚଳରୁ ଶୋଭାଯାତ୍ରା ବାହାରି ଜିଲ୍ଲା ସ୍କୁଲ ଛକରେ ପହଂଚିଥିଲା । ଧନକଉଡ଼ା ଅଂଚଳରୁ ବାହାରିଥିବା ଶୋଭାଯାତ୍ରାରେ ଶହ ଶହ ମହିଳା, ଯୁବତୀ ସାମିଲ ଥିଲେ । ଶୋଭାଯାତ୍ରା ବାଡ଼ି ଖେଳ ହୋଇଥିବା ବେଳେ 'ଜୟ ଶ୍ରୀରାମ' ଓ 'ଜୟ ହନୁମାନ' ଧ୍ୱନିରେ ମୁଖରିତ ହୋଇଥିଲା । ଏସ୍‌ପି ବି.ଗଂଗାଧର, ଉପଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ସହିତ ବରିଷ୍ଠ ଅଧିକାରୀମାନେ ନିଜେ ଶୋଭାଯାତ୍ରା ସମୟରେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବ୍ୟବସ୍ଥା ତଦାରଖ କରୁଥିଲେ । ବୁଲ୍‌ହିଲ୍ ହନୁମାନ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ହୋଇଥିବା ବେଳେ ଦୁର୍ଗାବାହିନୀ ପକ୍ଷରୁ ଜିଲ୍ଲା ସ୍କୁଲ ଛକରେ 'ମହାଆଳତୀ' କରାଯାଇଥିଲା । ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ନିଜେ ମନ୍ଦିରରେ ଉପସ୍ଥିତ ରହି ହନୁମାନ ଚାଳିଶା ପାଠ କରିବା ସହିତ ମହାଆଳତୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଆର୍‌ଏସ୍‌ଏସ୍ ପଶ୍ଚିମ ପ୍ରାନ୍ତ ସଂଘଚାଳକ ବିପିନ ବିହାରୀ ନନ୍ଦ, ପ୍ରସନ୍ନ କୁମାର ମିଶ୍ର, ବାବା ଜୀବନ ଚୈତନ୍ୟ, ହୁନମାନ ଜୟନ୍ତୀ ସମନ୍ୱୟ ସମିତିର ବରିଷ୍ଠ ଉପଦେଷ୍ଟା ସତ୍ୟ ନାରାୟଣ ପଣ୍ଡା, ସଂଯୋଜକ ପ୍ରଦୀପ ବହିଦାର, ସଭାପତି ଗିରୀଶ ପଟେଲ, କାର୍ଯ୍ୟକାରୀ ସଭାପତି ଶିବକୁମାର ଅଗ୍ରୱାଲ, ସାଧାରଣ ସଂପାଦକ ସୁଧୀର ବହିଦାର, ଡାକ୍ତର ରାଜକୁମାର ବଡ଼ପଣ୍ଡା, ଦେବେନ୍ଦ୍ର ମହପାତ୍ର, ଦାମୋଦର କର, ପଣ୍ଡିତ ଅମରନାଥ ମିଶ୍ର ପ୍ରମୁଖ ମହାଆଳତୀରେ ସାମିଲ ହୋଇଥିଲେ । ପରେ ଭିଏସ୍‌ଏସ୍ ମାର୍ଗରେ ସମ୍ବଲପୁର ବିଧାୟକ ଶ୍ରୀ ମିଶ୍ର ଏବଂ ରେଙ୍ଗାଲି ବିଧାୟକ ଶ୍ରୀ ନାୟକ ଗଦା ବୁଲେଇ ଥିଲେ । ଶୋଭାଯାତ୍ରାରେ ଛତିଶଗଡ଼ ରାଜ୍ୟର ଝାଞ୍ଜ, ମୟୁର ଝାଲ, ବାଡ଼ିନାଚ ସହିତ ଅନୁଗୁଳର ବୀରବାଦ୍ୟ, ସମ୍ବଲପୁରର ଦୁଲ୍‌ଦୁଲି, ହୀରାକୁଦର ଘଣ୍ଟବାଦ୍ୟ ଦଳ ଆଦି ସାମିଲ ହୋଇଥିଲେ । କୁମ୍ଭାରପଡ଼ା ଅଂଚଳର ଶୋଭାଯାତ୍ରା ଜିଲ୍ଲା ସ୍କୁଲ ଛକରେ ମୁଖ୍ୟ ଶୋଭାଯାତ୍ରା ସହିତ ମିଶିଥିବା ବେଳେ ସହରର ଅନ୍ୟ ପଡ଼ାଗୁଡ଼ିକର ଶୋଭାଯାତ୍ରା ନିଜ ଅଂଚଳରୁ ବାହାରି ମୁଖ୍ୟ ଶୋଭାଯାତ୍ରାରେ ସାମିଲ ହୋଇଥିଲା । ମୁଖ୍ୟ ଶୋଭାଯାତ୍ରା ଜିଲ୍ଲା ସ୍କୁଲ ଛକ, ଭିଏସ୍‌ଏସ୍ ମାର୍ଗ, ଗୋଲବଜାର ଦେଇ ପୀରବାବା ଛକରେ ପହଂଚିବା ପରେ ସେଠାରୁ ପୁଣି ପ୍ରତ୍ୟାବର୍ତ୍ତନ କରିଥିଲା । ଶୋଭାଯାତ୍ରା ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ପୁଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

# ୯ ମାସରେ ଭିଆରଏସ ନେଲେଣି ରେଳବିଭାଗର ୭୭ ବରିଷ୍ଠ ଅଧିକାରୀ

ନୂଆଦିଲ୍ଲୀ : ଭାରତୀୟ ରେଳବାଇରେ କାମ ପାଇଁ ପ୍ରବଳ ଚାପ ରହୁଥିବାରୁ ଗତ ୯ ମାସ ମଧ୍ୟରେ ୭୭ ଜଣ ବରିଷ୍ଠ ଅଧିକାରୀ ସ୍ୱେଚ୍ଛାକୃତ ଅବସର (ଭିଆରଏସ୍) ନେଲେଣି । ଏମାନଙ୍କ ମଧ୍ୟରେ ଦୁଇଜଣ ସଚିବସ୍ତରୀୟ ଅଧିକାରୀ ରହିଛନ୍ତି । ପୂର୍ବରୁ କୌଣସି ଆର୍ଥିକ ବର୍ଷରେ ଏତେସଂଖ୍ୟାରେ ଅଧିକାରୀ ଭିଆର୍‌ଏସ୍ ନେଇ ନଥିଲେ । ଚଳିତବର୍ଷ ଜାନୁଆରି ମାସରେ ସର୍ବାଧିକ ୧୧ ଜଣ ଅଧିକାରୀ ଇସ୍ତଫା ଦେଇଛନ୍ତି ବୋଲି ଜଣାପଡିଛି । ଗତବର୍ଷ ଜୁଲାଇ ମାସରେ ନୂଆ ରେଳମନ୍ତ୍ରୀ ଭାବେ ଅଶ୍ୱିନୀ ବୈଷ୍ଣବ ଦାୟିତ୍ୱ ଗ୍ରହଣକରିବା ପରେ ସେ ଅଧିକାରୀମାନଙ୍କୁ ପରଫର୍ମ ଅର୍ ପେରିସ୍ ମନ୍ତ୍ର ଶିଖାଇଥିଲେ । ଯେଉଁ ଅଧିକାରୀମାନଙ୍କର ପ୍ରଦର୍ଶନ ଭଲ ନାହିଁ କିମ୍ବା ଦୁର୍ନୀତିରେ ଲିପ୍ତ ଅଛନ୍ତି ସେମାନଙ୍କ ପାଇଁ ରେଳବାଇରେ ସ୍ଥାନ ନାହିଁ । ସେଭଳି ଅଧିକାରୀମାନେ ଭିଆରଏସ୍ ନେବା ଆବଶ୍ୟକ । ନଚେତ୍ ସେମାନଙ୍କୁ ବିଦା କରି ଦିଆଯିବ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରୁଛନ୍ତି ।

ଅନ୍ୟପକ୍ଷରେ ଯେଉଁ ଅଧିକାରୀ ମାନଙ୍କର କାମ ପ୍ରତି ସକାରାତ୍ମକ ଆଭିମୁଖ୍ୟ ରହିଛି ଏବଂ ଯେଉଁମାନେ କାମ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନଙ୍କୁ ସ୍ୱୀକୃତି ଦିଆଯାଉଛି । ବିଭିନ୍ନ ଜୋନ୍‌ରେ ବରିଷ୍ଠ ଯନ୍ତ୍ରୀଭାବେ କାର୍ଯ୍ୟ କରୁଥିବା ଅଧିକାରୀମାନେ ଏହା ସ୍ୱୀକାର କରିଛନ୍ତି ଯେ ପ୍ରଦର୍ଶନ ଜନିତ



ଚାପ ବଢ଼ିବାରେ ଲାଗିଛି । ମନ୍ତ୍ରାଳୟ ପକ୍ଷରୁ କଠିନ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି । ଉଚ୍ଚସ୍ତରୀୟ ଅଧିକାରୀଙ୍କ ଅନୁଧାନ ଦ୍ୱାରା ଗତ କିଛିମାସ ମଧ୍ୟରେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି । କିଛି ଅଧିକାରୀ ମଧ ଆବଶ୍ୟକ ପଦୋନ୍ନତି ପାଉ ନଥିବାରୁ ଭିଆରଏସ୍ ନେଉଛନ୍ତି । ଗୋଟିଏ ମାମଲାରେ ମନ୍ତ୍ରୀ ଜଣେ ଅଧିକାରୀଙ୍କୁ ଇସ୍ତଫା ଦେବାକୁ କହିଥିଲେ ଏବଂ ସେହି ଅଧିକାରୀଜଣକ ଲମ୍ବା ଛୁଟିରେ ଯାଇଥିଲେ । ପ୍ରଦର୍ଶନ ଭଲ ନଥିବା ଅଧିକାରୀମାନଙ୍କୁ ଗତ କିଛିବର୍ଷ ହେଲା ବିଦା କରାଯାଉଛି ।

ସଂସଦରେ ବଜେଟ୍ ଉପସ୍ଥାପନ ପରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସମସ୍ତ ଜେନେରାଲ ମ୍ୟାନେଜର ଏବଂ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ମୁଖ୍ୟ ପ୍ରଶାସନିକ, ଅଧିକାରୀମାନଙ୍କୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାଦ୍ୱାରା ପ୍ରକଳ୍ପ ପାଇଁ ଏପ୍ରିଲ ପହିଲାରୁ ନିଲାମ ଆହ୍ୱାନ କରାଯାଇ ପାରିବ ବୋଲି ସେ କହିଥିଲେ ।

## ଏ ସଂଖ୍ୟାରେ..


ମୂତ୍ରାଶୟ ସଂକ୍ରମଣରୁ ରକ୍ଷା କରିବ ଡାଳିମ୍ବ


ସୁସ୍ୱାସ୍ଥ୍ୟ ପାଇଁ ଖାଆନ୍ତୁ ଫଳ


ବହୁ ଦରକାରୀ ଭୃଷଙ୍ଗ ପତ୍ର


ବାସି ଭାତ ଖାଇବାର ଆବଶ୍ୟକତା


ତରଭୁଜର ଉପକାରିତା

# ସୁବର୍ଣ୍ଣପୁରରେ ବିକାଶ ଅଧପନ୍ତରିଆ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା ହେବାର ୩୦ ବର୍ଷ ବିତିଥିଲେ ହେଁ ଜିଲ୍ଲାରେ ଏବେ ବି ଆଖି ଦୃଶିଆ ବିକାଶ ହୋଇ ନାହିଁ । ତେବେ ପୂର୍ଣ୍ଣାଙ୍ଗ ଜିଲ୍ଲା ହେବାକୁ କେତେଦିନ ଲାଗିବ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜିଲ୍ଲାରେ ୬ଟି ବ୍ଲକ ସହ ତହସିଲ ଅଛି । ୨ଟି ସବଡିଭିଜନ, ୨ଟି ଏନଏସି, ଗୋଟିଏ ପୌର ପରିଷଦ ସହ ୧୦୯ଟି ପଞ୍ଚାୟତ ରହିଛି । ଜିଲ୍ଲାର ସୋନପୁର ବିଧାନସଭା ଏବଂ ବୀରମହାରାଜପୁର (ସଂରକ୍ଷିତ) ବିଧାନସଭା ୨ଟି ନିର୍ବାଚନମଣ୍ଡଳୀ । ଏହି ୨ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ବଲାଙ୍ଗୀର ଲୋକସଭା କ୍ଷେତ୍ରରେ ଅନ୍ତର୍ଭୁକ୍ତ ରହିଛି । ଜିଲ୍ଲାର ଲୋକସଂଖ୍ୟା ୬ଲକ୍ଷ ୭୭ ହଜାର ୩୦୪ । ଯାହାର ସହରାଞ୍ଚଳର ୧୧୨୯୦ ବାସଗୃହରେ ୪୯ ହଜାର ୯୪୧ଜଣ ଏବଂ ଗ୍ରାମାଞ୍ଚଳର ୧ଲକ୍ଷ ୩୯ ହଜାର ୩୪୬ବାସଗୃହରେ ୫ଲକ୍ଷ ୬୦ହଜାର ୨୪୧ ବାସିନ୍ଦା ଜୀବନ ଯାପନ କରୁଛନ୍ତି ।

ଅତୀତରେ ସୁବର୍ଣ୍ଣପୁର ଜିଲ୍ଲା ଐତିହ୍ୟ, ସଂସ୍କୃତି, ପରମ୍ପରା ନେଇ ସମୃଦ୍ଧିଶାଳୀ ଥିଲା । ମନ୍ଦିରମାଳିନୀ ସୋନପୁରକୁ ଦ୍ୱିତୀୟ ବାରାଣସୀ କୁହାଯାଏ । ସାହିତ୍ୟ, ଜ୍ୟୋତିଷ ଶାସ୍ତ୍ର, ଆୟୁର୍ବେଦିକ ନେଇ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା । ବୟନ ଶିଳ୍ପ ପରାକାଷ୍ଠା ଏଠାକାର ବୁଣାକାର ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ହୋଇଥିଲା । ସୋନପୁର ଐତିହ୍ୟ ଓ ଇତିହାସଙ୍କୁ ପୁଣିଥରେ ପ୍ରତିଷ୍ଠା କରି ହୃତ ଗୌରବ ଫେରାଇ ଆଣିବା ଲକ୍ଷ୍ୟରେ ୧୯୯୩ ମସିହା ଏପ୍ରିଲ ୧ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସୁବର୍ଣ୍ଣପୁର ଜିଲ୍ଲା ଘୋଷଣା କରିଥିଲେ । ଦିନେ ସୋନପୁର ସବଡିଭିଜନ ସ୍ତରରେ ପର୍ଯ୍ୟଟନ, ଐତିହ୍ୟ, ସଂସ୍କୃତିର ଯେଉଁ ସମ୍ମାନ ଥିଲା ଏବେ ଜିଲ୍ଲା ଗଠନ ପରେ ବିଶେଷ ବିକଶିତ ହୋଇପାରି ନାହିଁ । ଐତିହ୍ୟ ଓ ସଂସ୍କୃତି ସମ୍ପନ୍ନ ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା ହେରିଟେଜ ସଂଗ୍ରହାଳୟ ହୋଇ ପାରିନାହିଁ । ପ୍ରଭୁ ଜଗନ୍ନାଥ ପାତଳୀ ଶ୍ରୀକ୍ଷେତ୍ରରେ ୧୪୪ ବର୍ଷ ରହିଥିଲେ । ଏହି ଦେବଭୂମିର କୁଳବଧୂ ଲକ୍ଷ୍ମୀଙ୍କରା ବିଶ୍ୱରେ ପ୍ରଥମ ମହିଳା ଉଦ୍‌ଘୋଷକ ଭାବେ ବୌଦ୍ଧ ଧର୍ମର ସହଜ ଯାନ ପ୍ରତିଷ୍ଠା କରିଥିଲେ । ଅଷ୍ଟଶମ୍ଭୁ, ଅଷ୍ଟଚଣ୍ଡୀ, ଅଷ୍ଟବିଷ୍ଣୁ, ପରିବେଷ୍ଟିତ ମନ୍ଦିରମାଳିନୀ ସୋନପୁର ସହରରେ ୧୦୮ଟି ମନ୍ଦିର ରହିଛି । ମେଟାକାନୀ ପୀଠ, ଖମାର ମଠ, ପୂଜା ଡୁଙ୍ଗୁରୀ, ବୈଦ୍ୟନାଥ, ଚରଦା, ପାପକ୍ଷୟ ଚୁଡ଼ା ଖାଇ ପରି ପର୍ଯ୍ୟଟନ କ୍ଷେତ୍ର ରହିଛି । ପର୍ଯ୍ୟଟନ କ୍ଷେତ୍ରରେ ସୁବର୍ଣ୍ଣପୁର ଜିଲ୍ଲାକୁ ରାଜ୍ୟର ନାଭିକେନ୍ଦ୍ର କୁହାଯାଇଥାଏ । ତେବେ ପର୍ଯ୍ୟଟନ ଶିଳ୍ପର ସମସ୍ତ ଭିତ୍ତିଭୂମି ଥିଲେ ମଧ ଜିଲ୍ଲାର ପର୍ଯ୍ୟଟନ କ୍ଷେତ୍ରରେ ବିକାଶ ହୋଇ ପାରିନାହିଁ । ୨୦ ବର୍ଷ ହେଲା ସୋନପୁର ମହାନଦୀ ଉପରେ ନୂତନ ସେତୁ ଉଦ୍‌ଘାଟନ ହୋଇଥିଲା । କିନ୍ତୁ ପରବର୍ତ୍ତୀ କାଳରେ ଏହାକୁ ନେଇ ଜିଲ୍ଲାରେ ଯୋଗାଯୋଗ ସୁବିଧାରେ ବିଶେଷ ପ୍ରଗତି ପରିଲକ୍ଷିତ ହୋଇନାହିଁ । ଜିଲ୍ଲା ସଦର ମହକୁମା ସୋନପୁର ସହରରୁ ଯୋଗାଯୋଗ ରାଜ୍ୟର ଅନ୍ୟ ସ୍ଥାନକୁ ହୋଇପାରିନାହିଁ । ଏବେ ବି ପୁରୁଣା କୋଠାରେ ଜିଲ୍ଲାର ଅନେକ ସରକାରୀ କାର୍ଯ୍ୟାଳୟ ଚାଲୁଛି । ଅନେକ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ସତ୍ତ୍ୱେ ଜିଲ୍ଲାରେ କ୍ରୀଡା ଛାତ୍ରାବାସ ହୋଇପାରିନାହିଁ । ଶିକ୍ଷାକ୍ଷେତ୍ରରେ ଅଗ୍ରଣୀ କଥା କହୁଥିଲେ ମଧ ଗୋଟିଏ ବି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳି ପାରିନାହିଁ । ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଅନେକ ବିଶେଷଜ୍ଞ ନାହାନ୍ତି । ଡିଜିଟାଲ ଏକ୍ସରେ, ଦାନ୍ତ ଏକ୍ସରେ, ଭେଣ୍ଟିଲେଟର, ଆଇସିୟୁ ଡାଇଲିସିସ ସୁବିଧା ନାହିଁ । ଜିଲ୍ଲାର ସତୁରୀ ଭାଗ ଲୋକ ଚାଷ ଉପରେ ନିର୍ଭରଶୀଳ । କେବଳ ଡୁଙ୍ଗୁରିପାଲି, ବିନିକା ପ୍ରମୁଖ ୨ଟି ବ୍ଲକରେ ହୀରାକୁଦରୁ ଜଳସେଚନ ହେଉଛି । ତଥାପି ତେଲନଦୀ ଅଞ୍ଚଳରେ ଚାଷ ଅବସ୍ଥା ଅସଜଡା । ଜିଲ୍ଲାକୁ ମହାନଦୀ, ତେଲନଦୀ, ନିବୃରି, ଅଙ୍ଗ ନଦୀ, ସୁରୁବାଲି ଯୋର, ହରିହର ଯୋର ପରି ଅନେକ ନଦୀ ଜାଲ ପରି ବିଛାଇ ହୋଇ ରହିଥିଲେ ହେଁ ଛୋଟ ଛୋଟ ଆନିକଟ କରି ଜଳସେଚନ ସୁବିଧା କରାଯାଇ ପାରୁନାହିଁ । ଜିଲ୍ଲାର ସୋନପୁର, ତରଭା, ଉଲୁଣ୍ଡା, ବୀରମହାରାଜପୁର ପ୍ରମୁଖ ୪ଟି ବ୍ଲକରେ ଜଳସେଚନ ସୁବିଧା ହୋଇ ପାରିନାହିଁ । ୩୦ ବର୍ଷ ଭିତରେ ଜଳସେଚନ ସୁବିଧା ଯୋଗାଇ ନଦେବାରୁ ଦୁଇ ଫସଲି ଚାଷର ଅଗ୍ରଗତି ହୋଇପାରୁ ନାହିଁ । ଗୋଟିଏ ଶୀତଳଭଣ୍ଡାର ମଧ ପ୍ରତିଷ୍ଠା ହୋଇପାରି ନାହିଁ । ବହୁ ପ୍ରତୀକ୍ଷିତ ଅଙ୍ଗ ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ନେଇ ଚାଷୀ ଚାତକ ପରି ଚାହିଁ ରହିଛନ୍ତି କୃଷି ପରେ ଜିଲ୍ଲା ବୟନ ଶିଳ୍ପ ଉପରେ ବେଶୀ ନିର୍ଭରଶୀଳ । ଟେରାକୋଟା କାର୍ଯ୍ୟରେ ମଧ ଜିଲ୍ଲା ଲୋକପ୍ରିୟତା ଅର୍ଜନ କରିଛି । ସଂସ୍କୃତି ଏବଂ ଐତିହ୍ୟସମ୍ପନ୍ନ ସୁବର୍ଣ୍ଣପୁର ଜିଲ୍ଲା ହେରିଟେଜ ଜିଲ୍ଲା ଘୋଷଣା ଲାଗି ହକଦାର ଥିଲେ ମଧ ସ ପଦକ୍ଷେପ ନିଆଯାଇ ପାରିନାହିଁ । ଜିଲ୍ଲାର ପ୍ରଗତି କେବଳ ପାଣି, ଅ ଲୋକ, ରାସ୍ତାରେ ସୀମିତ ରହିଛି । ଅଶୀ ଦଶକରେ ଅବିଭକ୍ତ ବଲାଙ୍ଗୀର ଜିଲ୍ଲାର ପ୍ରଥମ ଶିଳ୍ପ ସୋନପୁର ସୂତାକଳ ରୁଗ୍ଣ ହୋଇ ବନ୍ଦ ହୋଇଯାଇଛି । ତେବେ ସୁବର୍ଣ୍ଣପୁର ଜିଲ୍ଲାବାସୀଙ୍କ ଭାଗ୍ୟ କେବେ ବଦଳିବ ତାହା ସମୟ କହିବ ।



# ବାମଦେବ ଷଡ଼ଙ୍ଗୀଙ୍କ ପରଲୋକ

ସମ୍ବଲପୁର: ବରିଷ୍ଠ ବିଜେଡି ନେତା ବାମଦେବ ଷଡ଼ଙ୍ଗୀ(୭୮)ଙ୍କ ପରଲୋକ ହୋଇ ଯାଇଛି । ଜିଏମ୍ କଲେଜରେ ଶିକ୍ଷା ସମାପ୍ତି ପରେ ସେ ହୀରାକୁଦ ହାଇସ୍କୁଲରେ କିଛି ସମୟ ପାଇଁ ଶିକ୍ଷକତା କରିଥିଲେ । ପରେ ଶିକ୍ଷକତା ଛାଡ଼ି ହୀରାକୁଦର ଅଲିଣ୍ଡ କାରଖାନାରେ ଚାକିରୀ କରିଥିଲେ । ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜନୀତିରେ ଯୋଗ ଦେଇଥିଲେ । ବିଜୁ ପଟ୍ଟନାୟକଙ୍କ ସହିତ ସେ ଉତ୍କଳ କଂଗ୍ରେସ, ଜନତା ପାର୍ଟି, ଲୋକଦଳ, ଜନତା ଦଳ ଆଦି ରାଜନୈତିକ ଦଳରେ ସାମିଲ ସକ୍ରିୟ ଭାବେ କାର୍ଯ୍ୟ କରିଥିଲେ । ବିଜୁ ବାବୁଙ୍କ ଅନ୍ତେ ସେ ବିଜେଡିରେ ସାମିଲ ହୋଇଥିଲେ । ଏସବୁ ଦଳରେ ଜିଲ୍ଲା ସାଧାରଣ ସଂପାଦକ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରହିଥିଲେ । ସେ ଅନେକ ନାଟକରେ ନିର୍ଦ୍ଦେଶନା ଦେବା ସହିତ ବହୁ ନାଟକରେ ଅଭିନୟ ମଧ କରିଥିଲେ । ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି । ତାଙ୍କର ଏକମାତ୍ର ପୁତ୍ର ସଂଗ୍ରାମ ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ । ସମ୍ବଲପୁରର ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଆର୍ତ୍ତତ୍ରାଣ ମିଶ୍ର, ବରିଷ୍ଠ ନେତା ଅଶୋକ ସେନାପତି, ଗୋକୁଳ ମେହେର, ବିଜେଡି ପ୍ରବକ୍ତା ସଂଜୟ ବାବୁ, ବନ୍ଦିତାରାଣୀ ମିଶ୍ର, ହୀରାଲାଲ ବେହେରାଙ୍କ ସମେତ ବହୁ ନେତା ଓ ଦଳୀୟ କର୍ମୀ ତାଙ୍କ ଅନ୍ତିମ ଦର୍ଶନ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜ୍ୟ ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ, ପୂର୍ବତନ ସାଂସଦ ପ୍ରମିଳା ବହିଦାର, ଜିଲ୍ଲା ବିଜେଡି ପୂର୍ବତନ ସଭାପତି ଡକ୍ଟର ପ୍ରମୋଦ ରଥ ମଧ ବାମଦେବଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ଆତ୍ମାର ସଦଗତି କାମନା କରିଛନ୍ତି ।

# ଚେନପୁଲିଂ ବିରୋଧରେ ସଚେତନତା

ସମ୍ବଲପୁର: ରେଳଯାତ୍ରା ସମୟରେ ଚେନ୍‌ପୁଲିଂର ଅପବ୍ୟବହାର ବିରୋଧରେ ସମ୍ବଲପୁର ରେଳମଣ୍ଡଳ ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ରେଳ ପରିଚାଳନା ଓ ସମୟାନୁବର୍ତ୍ତିତା ଉପରେ ପ୍ରଭାବ ପକାଉଥିବା ଚେନପୁଲିଂ ଘଟଣାକୁ ବୈଧଯୁକ୍ତ, ଯୁକ୍ତିଯୁକ୍ତ ଓ ପର୍ଯ୍ୟାପ୍ତ କାରଣ ଥିବା ସମୟରେ ହିଁ ଉପଯୋଗ କରିବା ଉଚିତ । ବିନା କାରଣରେ ଚେନ୍‌ପୁଲିଂ କରିଥିବା ବ୍ୟକ୍ତିଙ୍କୁ ଜୋରିମାନା ସହିତ ଆବଶ୍ୟକସ୍ଥଳେ ଜେଲ ପଠାଇବା ମଧ ପ୍ରାବଧାନ ରହିଛି । ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାରଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ମଣ୍ଡଳ ରେଳବାଇ ସୁରକ୍ଷା ବଳର କର୍ମଚାରୀ, ନିରାପତ୍ତା କର୍ମଚାରୀ ଓ ଅନ୍ୟ ରେଳକର୍ମଚାରୀ, ଅଧିକାରୀମାନେ ବିଭିନ୍ନ ଷ୍ଟେସନ ଓ ଯାତ୍ରୀବାହୀ ରେଳ ଗୁଡିକରେ ଏହା କାର୍ଯ୍ୟକାରୀ କରୁଛନ୍ତି । ଏହି ଅଭିଯାନରେ ରେଳ କର୍ମଚାରୀମାନେ ଯାତ୍ରୀମାନଙ୍କୁ କୌଣସି ବୈଧ କାରଣ ବିନା ଚେନ୍‌ପୁଲିଂ ନକରିବା ପାଇଁ ସଚେତନ କରାଯାଇଥିଲା ।

# ସୁନ୍ଦରଗଡ଼ ଜିଲ୍ଲାରେ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭ

ସୁନ୍ଦରଗଡ: ସୁନ୍ଦରଗଡ଼ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଶୁଭାରମ୍ଭ ହୋଇଥିବା ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ଭିତରେ ରହିଛି ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳକୁ ରାଜ୍ୟ ସରକାରଙ୍କ ତ୍ୱରାନ୍ୱିତ କାର୍ଯ୍ୟକ୍ରମ 'ସୋପାନ'ର ସମ୍ପ୍ରସାରଣ । ସେହିପରି ଜିଲାରେ ଥିବା ସରକାରୀ ହାଇସ୍କୁଲ ହଷ୍ଟେଲଗୁଡ଼ିକର ରୂପାନ୍ତରଣ, ଶ୍ରମଜୀବୀ ମହିଳାଙ୍କ କୁନି ପିଲାଙ୍କ ଯତ୍ନ ପାଇଁ 'କଳିକା ଗୃହ ଏବଂ ଗ୍ରାମାଞ୍ଚଳରେ ପୋଖରୀଗୁଡ଼ିକ ପୁନରୁଦ୍ଧାର ଓ ବିକାଶ କାର୍ଯ୍ୟକ୍ରମ । ଜିଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତା କ୍ରମେ ଏ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ଅବସରରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ସୁନ୍ଦରଗଡ଼ ଜିଲା ପରିଷଦ ଅଧକ୍ଷ କୁନ୍ତୀ ପ୍ରଧାନ, ସୁନ୍ଦରଗଡ଼ ପୌରପାଳିକା ଅଧକ୍ଷା ତନୟା ମିଶ୍ର, ଜିଲାପାଳ ନିଖିଲ ପବନ କଲ୍ୟାଣ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନର ନୂତନ ୱେବସାଇଟ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁଡଟ ଡିଏମ୍‌ଏଫ୍ ସୁନ୍ଦରଗଡ଼ ହଟ୍ ଇନ ଶୁଭାରମ୍ଭ କରାଯାଇଛି । ଏହାକୁ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ଲୋକାର୍ପଣ କରିଥିଲେ । ଏହି ୱେବସାଇଟରେ ଡିଏମ୍‌ଏଫର ଆର୍ଥିକ ଜିଲ୍ଲାରେ ପରିଚାଳିତ ବିଭିନ୍ନ ପ୍ରକଳ୍ପର ବିବରଣୀ, ଭିଡିଓ ଏବଂ ବାର୍ଷିକ ରିପୋର୍ଟ, ସୂଚନାପତ୍ର ତଥା ବିଭିନ୍ନ ପ୍ରକଳ୍ପ ସମ୍ପର୍କିତ ପୁସ୍ତିକା ପ୍ରକାଶ କରାଯାଉଛି । ଏହା ଦ୍ୱାରା ସୁନ୍ଦରଗଡ଼ ଜନସାଧାରଣ ଏବଂ ବିଭିନ୍ନ ପ୍ରକଳ୍ପର ହିତାଧିକାରୀ ବିଭିନ୍ନ ସୂଚନା ପାଇ ପାରିବେ ।

ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସାଗତିକା ପଣ୍ଡା ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ରଙ୍କ ସହିତ ଜିଲା ପ୍ରଶାସନ ଏବଂ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ବରିଷ୍ଠ ଅଧିକାରୀ, ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ ।

# ଭାଗବତ // ଅର୍ଜୁନଙ୍କ ମୋହଭଙ୍ଗ ଓ ବେଦସ୍ତୁତି

**ବୈଷ୍ଣବ**ମାନେ ସବୁବେଳେ ନିର୍ଧନ ହିଁ ହୋଇ ଥାଆନ୍ତି । ବିଷ୍ଣୁଭକ୍ତ ହେଲେ ଆମକୁ ନିର୍ଧନ ହେବାକୁ ପଡ଼େ, କିନ୍ତୁ ଅନ୍ୟ କୌଣସି ଦେବଙ୍କ ଭକ୍ତ ହେଲେ ବହୁ ବିଭବ ମିଳିଥାଏ । ପାଣ୍ଡବମାନେ ଥିଲେ ପରମ ବୈଷ୍ଣବ । ତାଙ୍କ ଉପରେ ଭଗବାନ୍ ଖୁବ୍ ପ୍ରସନ୍ନ ଥିଲେ । ସେଥିଯୋଗୁଁ ଭଗବାନ ପାଣ୍ଡବମାନଙ୍କ ପାଖେ ପାଖେ ସବୁବେଳେ ଥିଲେ ବୋଲି କୁହାଯାଏ । ପାଣ୍ଡବମାନେ ପରମ ବିଷ୍ଣୁଭକ୍ତ ବା କୃଷ୍ଣଭକ୍ତ ଥିଲେ । ସେମାନଙ୍କୁ ଅମାପ ଦୁଃଖକଷ୍ଟ ଓ ନିର୍ଯ୍ୟାତନା ସହ୍ୟ କରିବାକୁ ପଡ଼ିଲା । ଭଗବାନଙ୍କର ପରମ ପ୍ରିୟ ହୋଇ ସେମାନେ କିଛି କମ୍ କଷ୍ଟ ସ୍ୱୀକାର କରିନାହାନ୍ତି । ଭଗବାନ ବୈଷ୍ଣବକୁ ନିଃସ୍ୱ କରିଦିଅନ୍ତି । କିନ୍ତୁ ତାଙ୍କ ପାଖେ ପାଖେ ସବୁବେଳେ ରହିଥାନ୍ତି ।

ଦୁର୍ଯ୍ୟୋଧନ ବୈଷ୍ଣବ ନ ଥିଲା । ସେ ଭଗବାନ କୃଷ୍ଣଙ୍କ ଭକ୍ତ ନଥିଲା । କିନ୍ତୁ ସେ ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ଓ ବିଭବ ମଧରେ କାଳାତିପାତ କରିଥିଲା ଭଗବାନଙ୍କର ଭକ୍ତ ନ ହୋଇ ସୁଦ୍ଧା । ଯୁଧିଷ୍ଠିର ବିସ୍ମିତ ହୋଇଗଲେ । ସେ ଭଗବାନଙ୍କୁ ପ୍ରଶ୍ନ କରିଥିଲେ, ଭଗବାନ୍ ! ଆପଣଙ୍କ ଭକ୍ତମାନେ ସଂସାରରେ ଅମାପ ଦୁଃଖ ଭୋଗ କରନ୍ତି । ଆପଣ ଲକ୍ଷ୍ମୀପତି । ଆପଣଙ୍କ ଭକ୍ତମାନଙ୍କଠାରୁ କିନ୍ତୁ ଲକ୍ଷ୍ମୀ ଦୂରେଇ ଯାଇଥାନ୍ତି । ଏହା କିପରି ସମ୍ଭବ ହୁଏ ? ଭଗବାନ ସହାସ୍ୟ ବଦନରେ ଉତ୍ତର ଦେଇଥିଲେ, ମୁଁ ଜ୍ଞାତସାରରେ ମୋ ଭକ୍ତଙ୍କୁ ନିର୍ଧନ କରିଥାଏ । ମୁଁ ମୋ ଭକ୍ତକୁ ନିକଞ୍ଚନ କରିଦିଏ । ଧୀରେ ଧୀରେ ତା'ର ସମସ୍ତ ଧନ ଅପହରଣ କରିନିଏ ।

ସଦାଚାରୀ ପୁରୁଷର ପ୍ରାଣ କଣ୍ଠାଗତ ହୋଇଗଲେ ବି ସେ ଧର୍ମ ଛାଡ଼େ ନାହିଁ । ବାସ୍ତବରେ ଧନର ଦରିଦ୍ରତା ଖରାପ ନୁହେଁ । ମନର ଦରିଦ୍ରତା ଖରାପ ।

"ସଦାଚାରୀ ପୁରୁଷକୁ ଧନ ଦେଲେ ସେ ଧନୀ ହୁଏ ସତ, ମାତ୍ର କ୍ରମେ ତାରି ଅଭିମାନ ଓ ଅଧିକ ଧନପ୍ରାପ୍ତିର ଆଶା ବଢ଼େ । ଧନୀ ଲୋକ ପାଖରେ ମିତ୍ର, ବନ୍ଧୁଙ୍କ ଭିଡ଼ ସବୁବେଳେ ଲାଗିରହିଥାଏ । ମୋର ଚୈତନ୍ୟଘନ ଉପରୁ ତାର ବିଶ୍ୱାସ କମିଯାଏ ଓ ଧନ ଉପରେ ବିଶ୍ୱାସ ବଢ଼େ । ମୋତେ ଭଜନ କରିବାକୁ ସେ ସମୟ ପାଏ ନାହିଁ । ସେ ମୋ ଭକ୍ତି କିପରି କରିପାରନ୍ତା ? ଭଗବାନ ଯୁଧିଷ୍ଠିରଙ୍କୁ କହିଥିଲେ ।

ଧନରେ ଭକ୍ତି ହୁଏ ନାହିଁ । ମନରେ ଭକ୍ତି ସମ୍ଭବ । ଯଦି ଧନରେ ଭକ୍ତି ମିଳୁଥାଆନ୍ତା ତେବେ ମନୁ, ପ୍ରିୟବ୍ରତ, ଉତ୍ତାନପାଦ ଆଦି ପୃଥିବୀପତିମାନେ ସଂସାର ତ୍ୟାଗ କରି ବଣକୁ କାହିଁକି ଯାଇଥାନ୍ତେ ? ସଂସାର ହେଉଛି ପରମ ସ୍ୱାର୍ଥପର । ପଇସା ଥିଲେ ପୁରୁଷପାଖରେ ସମସ୍ତେ ଯୋଡ଼ି ହୁଅନ୍ତି । ନିର୍ଧନକୁ ନିଜର ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ପରିତ୍ୟାଗ କରନ୍ତି । ପୁରୁଷ ପ୍ରତ୍ୟେକ ପଦରେ ଧନ ନିମନ୍ତେ ଅପମାନିତ ହୁଏ । ଧନ ଉପାର୍ଜନର ସମସ୍ତ ଉପାୟ ଅବଲମ୍ବନ କରେ । ଭଗବାନ କିଛି କରାଇ ଦିଅନ୍ତି ନାହିଁ । ସେ ଧନ ନ ପାଇ ପରିଶେଷରେ ସମସ୍ତ ଉଦ୍ୟୋଗ ତ୍ୟାଗକରେ ଓ ନିଃସଙ୍ଗ ହୋଇଯାଏ । ଜୀବର ଧର୍ମ ସମଧର୍ମୀ ସାଥୀ ଖୋଜିବା । ସେହି ନିଃସଙ୍ଗ ମାନବ ସମଧର୍ମୀ ଲୋକ ଖୋଜିବାରେ ଲାଗେ । ସଂସାରରେ ନିର୍ଧନର, ନିଃସଙ୍ଗର ସାଥୀ କିଏ ? ଭଗବଦ୍ ଭକ୍ତ, ସାଧୁ, ସନ୍ଥ ହେଉଛନ୍ତି ନିର୍ଧନର ସାଥୀ । ସମ୍ପତ୍ତି-ବିମୁଖ ପୁରୁଷ ସାଧୁଙ୍କର ଶରଣାଗତ ହୁଏ । ଅସ୍ତୁ । ଭଗବାନ ଏପରି ପୁରୁଷକୁ ଆଉ ଭଗବଦ୍ ଭକ୍ତଙ୍କ ସହିତ ଯୋଗାଯୋଗ ବଢ଼ାଇ ଦିଅନ୍ତି । ଭଗବାନ ବସ୍ତୁତଃ ସେତେବେଳେ ଭକ୍ତକୁ କୃପା ପ୍ରଦାନ କରନ୍ତି ।

ଭଗବାନ କହିଲେ, "ଧର୍ମରାଜ ! ମୋତେ ଆରାଧନା କରିବା ଏଡ଼େ ସହଜ ଓ ସରଳ ନୁହେଁ । ଶାସ୍ତ୍ରରେ ଲେଖା ଅଛି ଧନ ଦେଲେ ମାନବ ଖଳ ପ୍ରକୃତିର ହୋଇଯାଏ । ଖଳର ଧର୍ମ କେବଳ ପରକୁ ପୀଡ଼ା ଦେବାରେ ଥାଏ । ଖଳଲୋକ ଧନ-ମଦରେ ଅନ୍ଧ ହୋଇ ତାକୁ ବରପ୍ରଦାନ କରିଥିବା ଦେବତାଙ୍କୁ ମଧ ଅପମାନିତ କରିଥାଏ ।

ଏହାପରେ ଋଷିମାନଙ୍କ ମଧରେ ସଂସାରର ସର୍ବଶ୍ରେଷ୍ଠ ଦେବଙ୍କ ସମ୍ବନ୍ଧରେ ଆଲୋଚନା ହେବା କଥା ଏବଂ ମହର୍ଷି ଭୃଗୁ ଶ୍ରେଷ୍ଠଦେବ ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କୁ ପରୀକ୍ଷା କରିବା ପାଇଁ ଯିବା କଥା ଭାଗବତରେ ବର୍ଣ୍ଣନା କରାହୋଇଛି । ଋଷିସଂଘ ମହର୍ଷି ଭୃଗୁଙ୍କୁ ଉଠାଇଥିଲେ ପରୀକ୍ଷକ ଭାବରେ । ଭୃଗୁ ପିତା ବ୍ରହ୍ମାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ତାଙ୍କ ପାଖରେ ପହଞ୍ଚିଗଲେ । ପରୀକ୍ଷକ ରୂପେ ଆସିଥିବାରୁ ସେ ବ୍ରହ୍ମାଙ୍କୁ ପ୍ରଣାମ କରି ନଥିଲେ । ବ୍ରହ୍ମାଙ୍କୁ ଏହା ଖରାପ ଲାଗିଲା । ସେ ବିରକ୍ତି ପ୍ରକାଶ କଲେ । ଭୃଗୁ ସେଠାରୁ ପଳାଇ ଆସିଲେ ।

ଏହାପରେ ଭୃଗୁ ମହେଶ୍ୱରଙ୍କ ପାଖକୁ ଗଲେ । ମହେଶ୍ୱର ମହାମୁନି ଭୃଗୁଙ୍କୁ ଦେଖି ଆଲିଙ୍ଗନ କରିବା ପାଇଁ ପ୍ରେମରେ ଆସୁଥିବା ଦେଖି ଭୃଗୁ ତାଙ୍କୁ ବାରଣ କଲେ । ପାଉଁଶ ବୋଳି ହୋଇଥିବା ଦେହକୁ କିଏ ଆଲିଙ୍ଗନ କରିବା ପାଇଁ କ'ଣ ଭଲ ପାଆନ୍ତା ? ଏହା ଫଳରେ ମହାଦେବଙ୍କର କ୍ରୋଧ ଜାତ ହେଲା ଓ ତତ୍‌କାଳ ସେ ଭୃଗୁଙ୍କୁ ପ୍ରହାର କରିବାକୁ ଉଦ୍ୟତ ହେଲେ । ଭୃଗୁ ତତ୍‌କ୍ଷଣାତ ସେହି ସ୍ଥାନ ତ୍ୟାଗକଲେ ।

ଭୃଗୁ ସେଠାରୁ ଫେରି ବୈକୁଣ୍ଠ ଗଲେ । ଭଗବାନ ସେତେବେଳେ ବିଶ୍ରାମ କରୁଥିଲେ । ସେ ମହର୍ଷିଙ୍କ ଆଗମନ ଜାଣିପାରିଲେ ନାହିଁ । ଭୃଗୁ ଭଗବାନଙ୍କ ବକ୍ଷସ୍ଥଳକୁ ପଦାଘାତ କଲେ । ଭଗବାନ ସହସା ଉଠିପଡ଼ି ସମ୍ମୁଖରେ ବ୍ରାହ୍ମଣଶ୍ରେଷ୍ଠ ଭୃଗୁକୁ ଦେଖି ପୂଜାର୍ଚ୍ଚନା କରିବାରେ ଲାଗିଲେ ଏବଂ ତାଙ୍କୁ ପାଦ୍ୟାସନ ଦେବା ସହିତ କୁଶଳ ବାର୍ତ୍ତା ପଚାରିବାରେ ଲାଗିଲେ ।

ସମ୍ମାନ ପାଇବା ପାଇଁ ସମସ୍ତେ ଲାଳାୟିତ ହୋଇ ଥାଆନ୍ତି । ନିଜକୁ



ନିଜେ ଶ୍ରେଷ୍ଠ ମନେକରୁଥିବା ଜୀବ ମାନ ପାଇବା ପାଇଁ ଇଚ୍ଛା କରେ ଅନ୍ୟଙ୍କଠାରୁ । ଏହି ମାନ ନ ପାଇଲେ ସେ କ୍ଷୁବ୍‌ଧ ହୁଏ । କିନ୍ତୁ ପ୍ରକୃତରେ ଅନ୍ୟଙ୍କୁ ମାନ ଦେବା ଲୋକ ହିଁ ଶ୍ରେଷ୍ଠ ହୋଇଥାଏ । ସର୍ବସତ୍ତ୍ୱଗୁଣର ଆଧାର ମହାବିଷ୍ଣୁ ଭଗବାନ ହେଉଛନ୍ତି ଅମାନୀ, ନିରାଭିମାନୀ । ସେ ପୁଣି ମାନଦ, କାରଣ ସେ ତାଙ୍କର ଭକ୍ତଙ୍କୁ, ବ୍ରାହ୍ମଣଙ୍କୁ ପ୍ରଚୁର ମାନ ପ୍ରଦାନ କରି ଥାଆନ୍ତି ।

ବାସ୍ତବରେ ସେ ହିଁ ସମ୍ମାନିତ ହୋଇଥାଏ ଯିଏ ଅନ୍ୟଙ୍କୁ ମାନ ପ୍ରଦାନ କରେ । ଅପମାନ କରୁଥିବା ଜୀବକୁ ଯିଏ ମାନ ପ୍ରଦାନ କରେ ସେ ହିଁ ଶ୍ରେଷ୍ଠ ହୋଇଥାଏ । ଋଷିମାନେ ସମୟ ଶ୍ରୀବିଷ୍ଣୁଙ୍କୁ ସମସ୍ତ ଦେବଙ୍କ ମଧରେ ଶ୍ରେଷ୍ଠ ବୋଲି ସ୍ୱୀକାର କରିଛନ୍ତି । ସେ ହିଁ ବାସ୍ତବରେ ଜଗଦାଧାର ।

ଅପମାନକୁ ଯିଏ ସହେ ସେ ସନ୍ଥ ହୋଇଥାଏ । ଅପମାନିତ ହୋଇ ସୁଦ୍ଧା ଯିଏ ଅପମାନକାରୀର କଲ୍ୟାଣ କରେ ସେ ହିଁ ସନ୍ଧି । ଭକ୍ତ ଆଉ ଭଗବାନ ନିଜେ କଷ୍ଟ ସହି କଷ୍ଟଦାତାର ବି କଲ୍ୟାଣ କରିଥାଆନ୍ତି । ଭଗବାନ ଶ୍ରୀକୃଷ୍ଣ କିଛି ମହତ୍ କାର୍ଯ୍ୟ ସାଧନ ଉଦ୍ଦେଶ୍ୟରେ ମର୍ତ୍ତ୍ୟମଣ୍ଡଳରେ ଅବତୀର୍ଣ୍ଣ ହୋଇଥିଲେ । ସାଧୁ, ବ୍ରାହ୍ମଣ, ଧେନୁ ଓ ଧର୍ମକୁ ରକ୍ଷା ଓ ସଂସ୍ଥାପନା ଥିଲା ତାଙ୍କର ଉଦ୍ଦେଶ୍ୟ । ଏବେ ସେ ଲୀଳା ସମ୍ବରଣ କରିବାର ସମୟ ଆସିଗଲା । କାଳରୂପୀ କୃଷ୍ଣ ଯାହାକୁ ଇଚ୍ଛା କରିଥାନ୍ତି ତାକୁ ବଳବାନ୍ କରିଥାନ୍ତି । ପୁଣି ଯାହାକୁ ବଳବାନ୍ କରିଥାନ୍ତି କୌଣସି ନିର୍ଦ୍ଦିଷ୍ଟ ସାଧନା କରିବା ଉଦ୍ଦେଶ୍ୟରେ ହିଁ ସେପରି ବଳବାନ୍ କରିଥାନ୍ତି । ଭଗବାନ ଅର୍ଜୁନଙ୍କୁ ବଳବାନ କରିଥିଲେ । ମୂର୍ଖ ଜୀବ ଏହାକୁ ନିଜର ପୁରୁଷାର୍ଥ ବୋଲି ମନେକରେ । ଅର୍ଜୁନଙ୍କର ଏଥିରେ ମୋହ ଜାତ ହୋଇଥିଲା । ଭଗବାନ ତାଙ୍କର ମୋହ ନାଶ କରି ଦେଇଥିଲେ ଅର୍ଜୁନଙ୍କର ମିଥ୍ୟାଭିମାନ ହଟାଇ ଦେଇଥିଲେ । ଆମର କର୍ତ୍ତା, ଧରା, ନିୟନ୍ତା ଆଉ ଜଣେ କେହି ଅଛି । ଆମେ ଯଦି ସର୍ବତୋ - ଭାବରେ ସେହି ଜଣଙ୍କ ପାଖରେ ଶରଣ ଘେନି ସର୍ବାନ୍ତକରଣରେ ସମର୍ପିତ ହୋଇ ପାରିବା ତେବେ ଆମର ଇହଲୋକ ଓ ପରଲୋକ ସୁଧୁରି ପାରିବ । ଭଗବାନଙ୍କ ନିଜ ପୁର ଦ୍ୱାରିକା । ସେଠାରେ ବ୍ରାହ୍ମଣ ଘରେ ଅପମୃତ୍ୟୁ ବାରମ୍ବାର ଘଟିଲା । ଅର୍ଜୁନ ଆସିଲେ । ନିଜର ବଳ ପୁରୁଷାର୍ଥ ମାଧମରେ ବ୍ରାହ୍ମଣପୁତ୍ରକୁ ମୃତ୍ୟୁ ମୁଖରୁ ରକ୍ଷାକରିବା ପାଇଁ ସଂକଳ୍ପ କଲେ । ତାଙ୍କର ଆତ୍ମାଭିମାନ ଏପରି ଉତ୍କଟ ହୋଇ ଯାଇଥିଲା ଯେ ସେ ଭଗବାନଙ୍କ ବିନା ଅନୁମତିରେ ସଂକଳ୍ପ ମଧ କରି ପକାଇଥିଲେ ଅକୃତକାର୍ଯ୍ୟ ହେଲେ ଦେହାବସାନ ପାଇଁ । ଅର୍ଜୁନ ଅକୃତକାର୍ଯ୍ୟ ହୋଇ ଦେହାବସାନ ପାଇଁ ପ୍ରସ୍ତୁତ ହୋଇଗଲେ । ସେତେବେଳେ ଭଗବାନ୍ ତାଙ୍କୁ ପ୍ରତ୍ୟକ୍ଷ ତତ୍ତ୍ୱଜ୍ଞାନ ପ୍ରଦାନ କରିଥିଲେ ତାଙ୍କ ସହିତ ମହାଯୋଗେଶ୍ୱରଙ୍କ ଧାମକୁ ନେଇ । ସେତେବେଳେ ଅର୍ଜୁନ ଭୂମା ପୁରୁଷ ଅଷ୍ଟଭୁଜା ମହାଯୋଗେଶ୍ୱର ଶ୍ରୀକୃଷ୍ଣ ଭଗବାନଙ୍କୁ ଦର୍ଶନ କରିଥିଲେ ।

ଯେତେବେଳେ ଜୀବର ପୁରୁଷାର୍ଥ ବ୍ୟର୍ଥ ହୋଇଯାଏ ସେତେବେଳେ ତାର ଅଭିମାନ ତୁଟେ । ସୃଷ୍ଟିର ଯେତେ ଲୀଳା ବିଳାସ ଅଛି ସେ ସମସ୍ତ ହେଉଛି ଶ୍ରୀକୃଷ୍ଣଙ୍କର କୃପାର ଫଳ ।

ଶ୍ରୀକୃଷ୍ଣ ହିଁ ଅନେକ ରୂପରେ କ୍ରୀଡ଼ା କରୁଥାଆନ୍ତି । ପ୍ରାଣୀଙ୍କଠାରେ ଯେଉଁ ସବୁ ଦଳ ପୁରୁଷାର୍ଥ ଆମେ ଦେଖୁ ସେ ସମସ୍ତ କେବଳ ହେଉଛି ଶ୍ରୀକୃଷ୍ଣଙ୍କର କୃପା-ପ୍ରସାଦ । ଶ୍ରୀମଦ୍‌ଭଗବଦ୍ ଗୀତାର ବିଭୂତି ଯୋଗ ଅତି ଉପାଦେୟ ।

ପରୀକ୍ଷିତ ପଚାରିଲେ, ଦ୍ୱ-ରୂପ ବେଦ, ନିରାକାର ବେଦର ପ୍ରତିପାଦନ କିପରି କରିଥାଏ ? ଶୁକଦେବ ପରୀକ୍ଷିତଙ୍କୁ ଏଠାରେ ବେଦସ୍ତୁତି ଶୁଣାଇଛନ୍ତି । ରାଜାମହାରାଜାମାନେ ଦୈନିକ କରିବାକର୍ମ ସମ୍ପାଦନ କରିବା ପରେ ସନ୍ଧ୍ୟାରେ ବିଶ୍ରାମ ନିଅନ୍ତି । ପରଦିନ ପ୍ରତ୍ୟୁଷରେ ବନ୍ଦୀଜନ ଓ ଭାଟମାନେ ରାଜା ମହାରାଜାମାନଙ୍କର ପ୍ରଶସ୍ତି ଗାନ କରି ତାଙ୍କୁ ଜାଗ୍ରତ କରନ୍ତି ।

ନାରାୟଣ ସେହିପରି ପ୍ରଳୟ ପରେ ସୃଷ୍ଟି ସମ୍ବରଣ କରି ଶେଷ-ଶଯ୍ୟାରେ ଶୟନ କରନ୍ତି । ସୃଷ୍ଟି ଆରମ୍ଭ ସମୟରେ ଶେଷ ଶଯ୍ୟାଶାୟୀ ନାରାୟଣଙ୍କୁ ବେଦସ୍ତୁତି କରେ । ପରମାତ୍ମାଙ୍କୁ ବେଦ ମଙ୍ଗଳଗାନ କରି ଉଠାଏ । 'ହେ ନାମ ! ତୁମର ଜୟ ହେଉ ।" ବେଦ ପ୍ରଭୁଙ୍କର ଜୟ ଜୟ ଗାନ କରେ । ସେତେବେଳେ ଜୀବ ହାରି ଯାଇଥିବା ଜଣାଯାଏ । ଜୀବଙ୍କୁ ମାୟା ଧରି ରଖୁଥାଏ । ବେଦକୁ ବି ମାୟା ବନ୍ଧନରେ ରଖିଥାଏ । ପରମାତ୍ମାଙ୍କର ଜୟ ଜୟକାର କରି ବେଦ ମାୟା ବନ୍ଧନରୁ ମୁକ୍ତ ହେବା ପାଇଁ ପ୍ରାର୍ଥନା କରେ ।

ଅନାଦି କାଳରୁ ଜୀବ ଓ ମାୟାର ସଂଗ୍ରାମ ଚାଲି ଆସିଛି । ମାୟା ତାକୁ ଜଗତ ବିଷୟରେ ଫସାଇବାରେ ଲାଗିଥାଏ । ବେଦ ମାୟାର ଏହି ବନ୍ଧନରୁ ମୁକ୍ତ ହେବାପାଇଁ ପରମାତ୍ମାଙ୍କୁ ସ୍ତୁତି କରେ ।

ମାୟା ଜୀବଙ୍କୁ ସ୍ତ୍ରୀ, ଧନ ଆଦିରେ ପ୍ରଲୋଭିତ କରାଇ ପରମାତ୍ମାଙ୍କ ଆଡ଼କୁ ଯିବାକୁ ଦିଏ ନାହିଁ । " ନାଥ ! ଆମେ ଆପଣଙ୍କ ଶରଣ ଗ୍ରହଣ କରୁଛୁ । ଏହି ମାୟାର ବନ୍ଧନକୁ ଖଣ୍ଡନ କରି ଆମକୁ ରକ୍ଷା କରନ୍ତୁ ।' ବେଦ ଏହିପରି ସ୍ତୁତି କରେ ।

ପବିତ୍ର ବିଚାର କରିବା ପାଇଁ ପ୍ରଭୁ ଆମକୁ ବୃଦ୍ଧି ପ୍ରଦାନ କରିଛନ୍ତି । ପବିତ୍ର ବିଚାର କରିବା ଦ୍ୱାରା ବୁଦ୍ଧି ଶୁଦ୍ଧ ହୁଏ ।

ବେଦ ସଗୁଣ ଓ ନିର୍ଗୁଣ ବ୍ରହ୍ମର ବର୍ଣ୍ଣନା କରିଛି । ଈଶ୍ୱର ସାକାର ଓ ନିରାକାର ଉଭୟ ରୂପରେ ଲୀଳା କରିଥାନ୍ତି । ଈଶ୍ୱରଙ୍କର ନିରାକାରତାର ଅର୍ଥ ହେଉଛି ତାଙ୍କର ଆମ ଭଳି କୌଣସି ନିର୍ଦ୍ଦିଷ୍ଟ ଆକାର ନଥାଏ ।

ନିର୍ଗୁଣ ଓ ସଗୁଣ ଉଭୟ ବ୍ରହ୍ମ ବସ୍ତୁତଃ ଏକ ହିଁ ହୋଇଥାଏ । ନିର୍ଗୁଣ ଭକ୍ତିବଶ ହୋଇ ସଗୁଣ ହୁଏ । ଭକ୍ତ-ପ୍ରେମରେ ପ୍ରଭୁ ସଗୁଣ ହୋଇଥାଆନ୍ତି । ପ୍ରେମ ଭକ୍ତିରେ ସ୍ତୁତି କରୁଥିବା ଭକ୍ତର କଳ୍ପିତ ରୂପ ଭଗବାନ ଧାରଣ କରିଥାନ୍ତି । "ହେ ନାଥ । ଏହି ଜଗତରେ ଯାହା ସବୁ ଦେଖା ଯାଇଥାଏ ଏବଂ ଅନୁଭୂତ ହୋଇଥାଏ, ସେ ସମସ୍ତ ବସ୍ତୁତଃ ଆପଣଙ୍କର ସ୍ୱରୂପ । ଲୌକିକ ନାମରୂପ ସତ୍ୟ ନୁହେଁ ।

ମାଟିର ପାତ୍ର ମାଟି ହିଁ ହୋଇଥାଏ । ବରଫରେ ଜଳ ହିଁ ଜଳ ଥାଏ । ପ୍ରଭୁ ଏହିଭଳି ସବୁଥିରେ ବ୍ୟାପ୍ତ ଥାଆନ୍ତି ।

ଜ୍ଞାନ ଅପେକ୍ଷା ଧ୍ୟାନ ଶ୍ରେଷ୍ଠ । ତେଣୁ ଈଶ୍ୱରଙ୍କର ଯେ କୌଣସି ସ୍ୱରୂପକୁ ବାରମ୍ବାର ଚିନ୍ତନ, ଧ୍ୟାନ, ସ୍ମରଣ ଓ ଦର୍ଶନ କରୁଥିବା ଉଚିତ । ଏପରି କଲେ ମନର ଶକ୍ତି ବଢ଼େ । ମନକୁ ପରମାତ୍ମାଙ୍କର ଯେ କୌଣସି ସ୍ୱରୂପରେ ବିବେକପୂର୍ଣ୍ଣ ସ୍ଥିର କରିବା ଉଚିତ ।

ବିଦ୍ୱାନମାନେ ବେଦସ୍ତୁତିର ଭିନ୍ନ ଭିନ୍ନ ଅର୍ଥ କରିଥାଆନ୍ତି । ଆରମ୍ଭବାଦ, ପରିଣାମବାଦ, ଆଦି କେତେପ୍ରକାର ବାଦ ବିଦ୍ୱାନମାନେ ଉପସ୍ଥାପନ କରିଛନ୍ତି । ବିଦ୍ୱାନମାନେ ନିଜ ନିଜ ଦୃଷ୍ଟି କୋଣରୁ ଏପରି ଅର୍ଥ କରିଥାଆନ୍ତି ।

ବେଦ ଈଶ୍ୱରଙ୍କର ନିଷେଧାତ୍ମକ ବର୍ଣ୍ଣନ କରିଥାଏ । ଜ୍ଞାନମାର୍ଗୀ ନେତି ନେତି କହି ଈଶ୍ୱରଙ୍କ ବର୍ଣ୍ଣନା କରିଥାଏ । ଭକ୍ତିମାର୍ଗ 'ଇତି ଇତି' କହି ଭଗବାନଙ୍କର ବର୍ଣ୍ଣନା କରିଥାଏ । ଦେଖିବାକୁ ଗଲେ ଉଭୟର ଲକ୍ଷ ହେଉଛି ଏକ । ପ୍ରଭୁଙ୍କର ଅନନ୍ତ ଗୁଣର ବର୍ଣ୍ଣନା କିଏ ବା କରିପାରନ୍ତା । ପ୍ରଭୁ ଏକାଦଶ ବର୍ଷ ପର୍ଯ୍ୟନ୍ତ ଗୋକୁଳରେ ଲୀଳା କଲେ । ଏହାପରେ ସେ ମଥୁରାକୁ ଗଲେ । ସେଠାରୁ ଦ୍ୱାରିକାକୁ ଯାଇ ସେ ଅନେକ ଥର ବିବାହ କଲେ । ଉଦ୍ଧବଙ୍କୁ ଜ୍ଞାନୋପଦେଶ ପ୍ରଦାନ କରି ସେ ସ୍ୱଧାମକୁ ପ୍ରସ୍ଥାନ କଲେ ।

ଭଗବାନଙ୍କର ଲୀଳା ଅନନ୍ତ ଏବଂ ଗୁଣ ମଧ ଅନନ୍ତ । ତାଙ୍କର ଲୀଳାଗୁଡ଼ିକ ଚିନ୍ତନ କରିବା ଦ୍ୱାରା ମନ ସେଥିରେ ଲୀନ ହୋଇଯାଏ, ତଦ୍ରୁପ ହୋଇଯାଏ । ତଦ୍ରୁପ ହୋଇଗଲେ ଜୀବ ଆନନ୍ଦ ପାଏ ।

# ପିଭିଆର-ଆଇନକ୍ସ ମିଶ୍ରଣ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଭା**ରତୀୟ ଗଣମାଧମ ଓ ମନୋରଞ୍ଜନ ଶିଳ୍ପରେ ମହାମାରୀ-ପର ଅବସ୍ଥାରେ ଦୁଇ ଟେଲିଭିଜନ ଚ୍ୟାନେଲ ଜୀ-ସୋନୀ ମିଶ୍ରଣ ପରେ ଚଳଚ୍ଚିତ୍ର ପ୍ରଦର୍ଶନ କ୍ଷେତ୍ରରେ ଦୁଇ ବୃହତ ପ୍ରେକ୍ଷାଳୟ ଶୃଙ୍ଖଳ 'ଥିଏଟର ଚ୍ରେନ' ପିଭିଆର ଓ ଆଇନକ୍ସ ମିଶ୍ରଣ ନିମନ୍ତେ ୨୦୨୨ ମାର୍ଚ୍ଚ ଶେଷ ସପ୍ତାହରେ ଘୋଷଣା କରିଥିଲେ । ମହାମାରୀଜନିତ ବିଘଟନ ମୁକାବିଲାରେ ଏହା ଏକ ବଳିଷ୍ଠ ପଦକ୍ଷେପ । ମହାମାରୀ-ପର ଗଣମାଧମ ଶିଳ୍ପରେ ସମ୍ଭାବ୍ୟ ପରିବର୍ତ୍ତନ ଧାରାରେ ବିଶେଷଜ୍ଞମାନେ ଏହି ମିଶ୍ରଣକୁ ସୂଚକାଙ୍କଭାବେ ଗ୍ରହଣ କରିଥିଲେ ।

ମହାମାରୀରେ ସଂକ୍ରମଣ ଭୟରେ ଉଭୟ ପ୍ରଶାସନିକ କଟକଣା ଓ ଜନସାଧାରଣଙ୍କ ପରିବର୍ତ୍ତିତ ଆଚରଣ ହେତୁ ଚଳଚ୍ଚିତ୍ର ପ୍ରେକ୍ଷାଳୟଗୁଡ଼ିକ ଯେ ଦୀର୍ଘକାଳ ବନ୍ଦ ରହିଲା ତାହା ନୁହ, ଖୋଲିବା ପରେ ମଧ ଆଶାନୁରୂପ ବ୍ୟବସାୟର ବିଶ୍ୱାସ ଜନ୍ମାଇ ପାରିଲା ନାହିଁ । ପାଶ୍ଚାତ୍ୟ ଭୂଖଣ୍ଡରେ ବ୍ରିଟେନର 'ସିନେ ଓ୍ୱାର୍ଲ୍ଡ' ଭଳି ୧୦,୦୦୦ ରୂପେଲି ପରଦା ବିଶିଷ୍ଟ ଥିଏଟର ଚ୍ରେନରୁ ୭୦୦ ସ୍କ୍ରୀନ ଅକ୍ଟୋବର ୨୦୨୦ରୁ ସବୁଦିନ ଲାଗି ବନ୍ଦ ହୋଇ ଯାଇଥିବା ଉଦାହରଣ ଦେଖିବାକୁ ମିଳିଥିଲା । ଆମ ଭାରତ ଓ ଓଡ଼ିଶାରେ ଏକକ ରୂପେଲି ପରଦା ବିଶିଷ୍ଟ ଛୋଟ ଚଳଚ୍ଚିତ୍ର ପ୍ରେକ୍ଷାଳୟଗୁଡ଼ିକ ମଧରୁ ପ୍ରାୟ ଅର୍ଦ୍ଧେକ ମହାମାରୀ-ପର ଦୁଇବର୍ଷ ଶେଷ ସୁଦ୍ଧା ପୁଣି ପ୍ରଦର୍ଶନ ଆରମ୍ଭ କରିବାକୁ କୁଣ୍ଠାବୋଧରେ ଅଟକି ରହିଥିଲେ । ଫଳତଃ ଚଳଚ୍ଚିତ୍ର ନିର୍ମାଣ ଓ ପ୍ରଦର୍ଶନ ଶିଳ୍ପ ଅନ୍ୟାନ୍ୟ ବ୍ୟବସାୟ ତୁଳନାରେ ସର୍ବାପେକ୍ଷା ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଆକଳନ କରାଯାଏ । ବିଶେଷଜ୍ଞମାନଙ୍କ ବିଚାରରେ ଗଣମାଧମର ବିଭିନ୍ନ ମଞ୍ଚରେ ଅବକ୍ଷୟର ଧାରା ମୋଟାମୋଟି ଭାବେ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରୁ ଆରମ୍ଭ ହୋଇଥିଲା ଏବଂ ଦଶ ବର୍ଷଧରି କ୍ରମାଗତ ଜାରି ରହିବା ଫଳରେ ମହାମାରୀର ଠିକ ପୂର୍ବାବସ୍ଥାରେ ପ୍ରାୟତଃ ସ୍ଥାଣୁ ଅବସ୍ଥାକୁ ଆସି ଯାଇଥିଲା । ମହାମାରୀର ଦୁଇ ବର୍ଷ ବ୍ୟାପୀ ପ୍ରଭାବପରେ ପରିସ୍ଥିତି ଅଣାୟତ୍ତସ୍ତରରେ ପହଞ୍ଚିଲା । ଅଧିକାଂଶ ମଧମ ଓ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ବାସ୍ତବ ପରିସ୍ଥିତିକୁ ପ୍ରାଥମିକ ପର୍ଯ୍ୟାୟରେ ଅସ୍ୱୀକାର କରି ଦ୍ୱିତୀୟ ପର୍ଯ୍ୟାୟରେ ଦୁରାବସ୍ଥାର ପ୍ରଭାବକୁ ପ୍ରଶ୍ନକରି ରୋଷ ପ୍ରକାଶସ୍ତରରେ ଅଟକିଥିବା ସ୍ଥଳେ ବୃହତ ଶିଳ୍ପୋଦ୍ୟୋଗୀମାନେ ପରିସ୍ଥିତିର ମୁକାବିଲା ନିମନ୍ତେ ତ୍ୱରିତ ପଦକ୍ଷେପ ନେବାକୁ ଉଚ୍ଚିତ ମନେ କରୁଥିବା ଦେଖିବାକୁ ମିଳିଥିଲା ।

ପିଭିଆର ଓ ଆଇନକ୍ସର ମିଶ୍ରଣ ପ୍ରସ୍ତାବ ଘୋଷଣାପରେ ଗଣମାଧମକୁ ପିଭିଆରର ଅଧକ୍ଷ ଅଜୟ ବିଜଲି ଓ ଆଇନକ୍ସର ଅଧକ୍ଷ ସିଦ୍ଧାର୍ଥ ଜୈନଙ୍କ ବକ୍ତବ୍ୟ ଅନୁଶୀଳନ କଲେ ଯେଉଁ କେତେଗୋଟି ଉପସ୍ଥାପିତ ଯୁକ୍ତି ଚର୍ଚ୍ଚାକୁ ଆସିଥାଏ ସେଥିମଧରେ ମିଶ୍ରଣ ଫଳରେ ବ୍ୟାବସାୟିକ ଖର୍ଚ୍ଚକାଟ ପ୍ରଥମ । ଦେଶର ଦୁଇ ବଡ଼ ମଲଟିପ୍ଲେକ୍ସ ଚ୍ରେନ ମିଶ୍ରଣ ହେଲେ ପରିଚାଳନାଗତ ଖର୍ଚ୍ଚ କମିଯିବ ।

ଦ୍ୱିତୀୟତଃ, ପିଭିଆର ୭୩ଗୋଟି ସହରରେ ୧୮୧ଗୋଟି ପ୍ରେକ୍ଷାଳୟରେ ୮୭୧ଗୋଟି ରୂପେଲି ପରଦା ସହ ଆଇନକ୍ସର ୭୨ଗୋଟି ସହରରେ ୧୬୦ଗୋଟି ପ୍ରେକ୍ଷାଳୟରେ ୬୭୫ଗୋଟି ରୂପେଲି ପରଦା ଗୋଟିଏ ପରିଚାଳନାରେ ଏକତ୍ରୀତ ହେଲେ ପ୍ରାୟ ପନ୍ଦର ଶହ ପଚାଶ ରୂପେଲି ପରଦା ଦେଶର ସର୍ବବୃହତ ଚଳଚ୍ଚିତ୍ର ପ୍ରଦର୍ଶନକାରୀ ସଂସ୍ଥାର ମାନ୍ୟତା ପାଇବ । ଜାତୀୟସ୍ତରରେ ବହୁ ପରଦା ବିଶିଷ୍ଟ ପ୍ରେକ୍ଷାଳୟ 'ମଲଟିପ୍ଲେକ୍ସ' ବର୍ଗରେ ପ୍ରାୟ ଅର୍ଦ୍ଧେକ ସ୍ଥାନ ଅଧିକାର କରି ବକ୍ସ ଅଫିସ ଆୟ ଦେଶର ହିନ୍ଦି ଓ ଇଂଲିଶ ଚଳଚ୍ଚିତ୍ର ପ୍ରଦର୍ଶନ କ୍ଷେତ୍ରରେ ୪୨ ପ୍ରତିଶତ ଦାବୀ କରିବ । ଏହି ପରିବେଶ ଚଳଚ୍ଚିତ୍ର ପ୍ରଦର୍ଶନ କ୍ଷେତ୍ରରେ ଦୀର୍ଘକାଳୀନ ଅଭିବୃଦ୍ଧିରେ ସହାୟକ ହେବା ଆଶା କରାଯାଇପାରେ ।

ତୃତୀୟତଃ, ମହାମାରୀ ପୂର୍ବାବସ୍ଥାରୁ ଓଟିଟି ଷ୍ଟ୍ରୀମିଂ ପ୍ଲାଟଫର୍ମର ବିକାଶ, ମହାମାରୀ କାଳରେ ଲୋକପ୍ରିୟତା ବୃଦ୍ଧି ଓ ମହାମାରୀ-ପର ଅବସ୍ଥାରେ କେତେକ ବୃହତ ଚଳଚ୍ଚିତ୍ର ଓଟିଟି ମଞ୍ଚରେ ମୁକ୍ତିଲାଭ କରି ପ୍ରଦର୍ଶନରେ ଭଲ ଆୟ କରିଥିବା ଅଭିଜ୍ଞତା ପ୍ରେକ୍ଷାଳୟ ବ୍ୟବସାୟକୁ ଗୁଣାତ୍ମକ ବିକାଶ ନିମନ୍ତେ ବାଧ କରିଛି । ପିଭିଆର-ଆଇନକ୍ସ ମିଶ୍ରଣ ପରେ ପ୍ରେକ୍ଷାଳୟ ଦର୍ଶକଙ୍କୁ ବିଶ୍ୱସ୍ତରୀୟ ଅନୁଭବ 'ଓ୍ୱାର୍ଲଡ଼ କ୍ଲାସ ସିନେମା ଏକ୍ସପିରିଏନ୍ସ' ଯୋଗାଇବା ନିମନ୍ତେ କ୍ଷେତ୍ର ପ୍ରସ୍ତୁତ କରିବା, ମୁଖ୍ୟତଃ ଦ୍ୱିତୀୟ ଓ ତୃତୀୟ ବର୍ଗ ସହରଗୁଡ଼ିକରେ ପ୍ରେକ୍ଷାଳୟରେ ଚଳଚ୍ଚିତ୍ର ଉପଭୋଗକୁ ଅଧିକ ଆମୋଦଦାୟକ ଓ ଆକର୍ଷଣୀୟ ଗଢ଼ି ତୋଳିବାକୁ ଉଦ୍ୟମ ସଂଭବ ହୋଇପାରିବ ।

ଚତୁର୍ଥତଃ, ଭାରତରେ ନୂଆ ଚଳଚ୍ଚିତ୍ର ପ୍ରେକ୍ଷାଳୟ ନିର୍ମାଣଧାରା ଅବ୍ୟାହତ ରହିଛି । ପଡ଼ୋଶୀ ଚୀନରେ ପ୍ରାୟ ସତୁରି ହଜାର ରୂପେଲି ପରଦାରେ ଚଳଚ୍ଚିତ୍ର ପ୍ରଦର୍ଶିତ ହେଉଥିବା ସ୍ଥଳେ ଭାରତରେ ମାତ୍ର ୯,୫୦୦ ହିସାବ କରାଯାଏ । ଚୀନରେ ପ୍ରତିବର୍ଷ ଛଅରୁ ସାତ ହଜାର ନୂଆ ରୂପେଲି ପରଦା ଯୋଗ ହେଉଥିବା ସ୍ଥଳେ ଭାରତରେ ୪୦୦ରେ ସୀମିତ ରହିଛି । ପିଭିଆର ଓ ଆଇନକ୍ସ ପୃଥକ ପୃଥକଭାବେ ବାର୍ଷିକ ୬୦ ଓ ୮୦ ନୂଆ ରୂପେଲି ପରଦା ନିଜ ଥିଏଟର ଚ୍ରେନରେ ଯୋଗ କରୁଥିବା ବେଳେ ମିଶ୍ରଣପରେ ଦୁଇ ଶହକୁ ଉନ୍ନୀତ କରିବାପାଇଁ ଲକ୍ଷ୍ୟ ରଖିଛନ୍ତି । ଫଳରେ ବ୍ୟାବସାୟିକ ଅଭିବୃଦ୍ଧି ପାଇଁ ଭିତ୍ତିଭୂମି ସୃଷ୍ଟି ହୋଇପାରିବ ।

ପଞ୍ଚମତଃ, ମଲଟିପ୍ଲେକ୍ସଗୁଡ଼ିକର ଭୌଗଳିକସ୍ଥିତିରେ ପିଭିଆର ଉତ୍ତର, ପଶ୍ଚିମ ଓ ଦକ୍ଷିଣ ଭାରତରେ ପ୍ରଭାବ ବିସ୍ତାର କରିଥିବା ସ୍ଥଳେ ଆଇନକ୍ସ ପୂର୍ବ ଭାରତରେ ସ୍ଥିତି ସୁଦୃଢ଼ । ଦୁଇ ଥିଏଟର ଚ୍ରେନର ମିଶ୍ରଣ ଫଳରେ ସମଗ୍ର ଭାରତରେ ଚଳଚ୍ଚିତ୍ର ପ୍ରଦର୍ଶନ ବ୍ୟବସାୟ ହାତକୁ ଅସିଯିବ ଏବଂ ବିଭିନ୍ନ ବ୍ୟାବସାୟିକ ମୂଳଚାଲ 'ବିଜିନେସ ନେଗୋସିଏସନ' ଲାଗି କ୍ଷମତା ବୃଦ୍ଧି ପାଇବ । ଷଷ୍ଠରେ ବ୍ୟାବସାୟିକ ଆଭିବୃଦ୍ଧି ଲାଗି ଟାଏର-୨ ଓ ଟାଏର-୩ ସହରଗୁଡ଼ିକରେ ପହଞ୍ଚିବା ତଥା ଦୀର୍ଘକାଳୀନ ଲକ୍ଷ୍ୟ ସାଧନଲାଗି ଯୋଜନା ପ୍ରଣୟନ କରିବା ନିମନ୍ତେ ଭିତ୍ତିଭୂମି, ମାନବ ସମ୍ବଳ ଓ ଆର୍ଥିକ ନିବେଶ ନିମନ୍ତେ ମିଶ୍ରଣ ସହାୟକ ହେବ । ସପ୍ତମରେ ଡିଜିଟାଲ ମିଡ଼ିଆ ମୁଖ୍ୟତଃ ଓଟିଟି ମଞ୍ଚ ଭାରତୀୟ ଚଳଚ୍ଚିତ୍ର ପ୍ରଦର୍ଶନ ଶିଳ୍ପ ବିକାଶ ନିମନ୍ତେ ଶକ୍ତିଶାଳୀ ପ୍ରତିବନ୍ଧକରୂପେ ଗଢ଼ି ଉଠୁଥିବା ତଥା ଦର୍ଶକଙ୍କ ରୁଚି ବଦଳୁଥିବା ଅବସରରେ ସମ୍ମିଳିତ ପ୍ରଚେଷ୍ଟା ଆବଶ୍ୟକ ।

ପିଭିଆର-ଆଇନକ୍ସ ମିଶ୍ରଣ ନିମନ୍ତେ ଛଅରୁ ନଅମାସର ପ୍ରସ୍ତୁତି ଆବଶ୍ୟକ ଥିବା କୁହାଯାଇଥିଲା । ଏହି ନିଷ୍ପତ୍ତି କାର୍ଯ୍ୟକାରୀ କରିବା ନିମନ୍ତେ ସେୟାର ହୋଲଡ଼ର, ଷ୍ଟକ ଏକ୍ସଚେଞ୍ଜ, ସିକ୍ୟୁରିଟିସ ଏଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ ଇଣ୍ଡିଆ ଓ ନ୍ୟାସନାଲ କମ୍ପାନୀ ଲ ଟ୍ରିବ୍ୟୁନାଲ ଭଳି ସଂସ୍ଥାର ଅନୁମୋଦନ ଲୋଡ଼ା । ପ୍ରସ୍ତାବିତ ରାଜିନାମା ଅନୁଯାୟୀ ପିଭିଆର କମ୍ପାନୀରେ ନିବେଶକଙ୍କ ତିନିଗୋଟି ଅଂଶଧନ 'ସେୟାର' ଆଇନକ୍ସର ଦଶ ଗୋଟି 'ସେୟାର' ସହ ସମତୁଲ ହେବ । ପିଭିଆର ପ୍ରାୟୋଜକଙ୍କ ୧୦.୬୨ ଏବଂ ଆଇନକ୍ସ ପ୍ରାୟୋଜକଙ୍କ ୧୬.୬୨ ଅଂଶଧନ ପିଭିଆର-ଆଇନକ୍ସ ନିବେଶରେ ଗଣିତ ହେବ । ଦୁଇ ପ୍ରଯୋଜକ ପରିବାରରୁ ଦୁଇଜଣ ଲେଖା ବୋର୍ଡ ମେମ୍ବର ସହ ମୋଟ ୧୦ ଜଣିଆ ବୋର୍ଡ ନୂତନ କମ୍ପାନୀ ପରିଚାଳନା କରିବେ । ଦୁଇ କମ୍ପାନୀର ଅଧକ୍ଷ ଅଜୟ ବିଜାନି ଓ ସଞ୍ଜୀବ କୁମାର ପରିଚାଳନାରେ ସାମିଲ ହେବେ । ପାଶ୍ଚାତ୍ୟ ଭୂଖଣ୍ଡେ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ ଓ ୟୁରୋପୀୟ ରାଷ୍ଟ୍ରପୁଞ୍ଜରେ ଚଳଚ୍ଚିତ୍ର ପ୍ରଦର୍ଶନ ବ୍ୟବସାୟ ବନ୍ଦ ହୋଇ ଆସୁଥିବା ସ୍ଥଳେ ଚୀନରେ ପ୍ରେକ୍ଷାଳୟ ସଂଖ୍ୟା ବୃଦ୍ଧିର ଉଦାହରଣ ଭାରତରେ ବିଶେଷଜ୍ଞଙ୍କ ମଧରେ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି କରିଥାଏ । କେତେକଙ୍କ ମତରେ ମଲଟିପ୍ଲେକ୍ସ ସଂସ୍କୃତି କେବଳ ଚଳଚ୍ଚିତ୍ର ପ୍ରଦର୍ଶନରେ ସୀମିତ ନରହି ବହୁମୁଖୀ ମନୋରଞ୍ଜନ ବିପଣୀ ଭାବେ ଗଢ଼ି ଉଠୁଥିବା ହେତୁ ବ୍ୟାବସାୟିକ ସଫଳତା ଆଶା କରାଯାଇପାରେ । ତେବେ ମଲଟିପ୍ଲେକ୍ସର ଭିଡ଼ରେ ଏକକ ରୂପେଲି ପରଦା ବିଶିଷ୍ଟ 'ସିଙ୍ଗଲ ସ୍କ୍ରିନ' ପ୍ରେକ୍ଷାଳୟ ଯେ ପ୍ରତିଯୋଗିତାରେ ପଛରେ ପଡ଼ିଯିବ ଏଥିରେ ସନ୍ଦେହ ନାହିଁ ।

## ଆଜିର ଚିନ୍ତନ

**ର**ଷି ମୃଦଲଙ୍କ ଦାନଶୀଳ ବୃତ୍ତି ଗ୍ରହଣ କରି ନିଜର ଜୀବନ ନିର୍ବାହ କରୁଥିଲେ ତଥା ଆମାବାସ୍ୟା ଓ ପୂର୍ଣ୍ଣିମାରେ ଅତିଥି ସତ୍କାର କରିବା ପରେ, ଦାନ ଦେବା ପରେ ଯେଉଁ ଭୋଜନ ବଳକା ରହୁଥିଲା, କେବଳ ତାକୁ ହିଁ ଗ୍ରହଣ କରୁଥିଲେ ।

ଥରେ ମହର୍ଷି ଦୁର୍ବାସା ତାଙ୍କର ପରୀକ୍ଷା ନେବା ଉଦ୍ଦେଶ୍ୟରେ ଉନ୍ମୁକ୍ତର ଛଦ୍ମବେଶ ଧାରଣ କରି ତାଙ୍କର ସମସ୍ତ ଭୋଜନ ଗ୍ରହଣ କରିଦେଲେ । ତାଙ୍କର ଖାଇବା ପାଇଁ କିଛି ହେଲେ ବଳକା ରହିଲା ନାହିଁ । ଏପରି କ୍ରମ ସେ ତିନି ମାସ ପର୍ଯ୍ୟନ୍ତ କରିଚାଲିଲେ ଏବଂ ଭୋକିଲା ରହି ମଧ ମହର୍ଷି ମୃଦ୍‌ଲଙ୍କ ମନରେ ଦୁଃଖ ବା କ୍ରୋଧ ପରି କୌଣସି ବିକାର ଉତ୍ପନ୍ନ ହେଲା ନାହିଁ ।

ମହର୍ଷି ଦୁର୍ବାସା ତାଙ୍କର ଧୈର୍ଯ୍ୟକୁ ଦେଖି ଅତ୍ୟନ୍ତ ପ୍ରସନ୍ନ ହେଲେ । ସେ ମହର୍ଷି ମୁଦଲଙ୍କୁ କହିଲେ ଋଷିବର ଆପଣଙ୍କ ସମାନ ତପସ୍ୱୀ ତଥା ଦାତା ଏହି ସଂସାରରେ ଆଉ କେହି ନାହାନ୍ତି । ଭୋକ ବଡ଼ ବଡ଼ ଲୋକଙ୍କର ଧୈର୍ଯ୍ୟକୁ ହରଣ କରିନିଏ । ଆପଣଙ୍କର ପୁଣ୍ୟ କାରଣରୁ ଆପଣ ସଶରୀର ବ୍ରହ୍ମଲୋକ ଯିବାର ଅଧିକାରୀ ଅଟନ୍ତି । ପ୍ରତ୍ୟୁତ୍ତରରେ ମହର୍ଷି ମୁଦଲ ତାଙ୍କୁ ପଚାରିଲେ ଯେ ବ୍ରହ୍ମଲୋକରେ କ'ଣ ବ୍ୟକ୍ତି ସର୍ବଦା ରହିପାରିବ ? ତାଙ୍କୁ ଉତ୍ତର ମିଳିଲା ଯେ ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକରେ ଜୀବକୁ ପତନର ଭୟ ସଦୈବ ଘାରିଥାଏ । ଏହା ଶୁଣି ମହର୍ଷି ମୁଦୁଲ କହିଥିଲେ- ହେ ଦେବ ! ମୁଁ ତ ସେହି ପରମ ଧାମକୁ ହିଁ ପ୍ରାପ୍ତ କରିବି, ଯାହାକୁ ପ୍ରାପ୍ତ କରିନେବା ପରେ ଶୋକ, ବ୍ୟଥା, ଦୁଃଖରୁ ସମ୍ପୂର୍ଣ୍ଣ ନିବୃତ୍ତି ଏବଂ ପରମାନନ୍ଦର ପ୍ରାପ୍ତି ହୋଇଥାଏ । ସେହି ପରମାନନ୍ଦ, ପରମାତ୍ମାଙ୍କର ସେହି ପୁରୁଷୋତ୍ତମ ସ୍ୱରୂପକୁ ଜାଣିବା ପରେ ହିଁ ପ୍ରାପ୍ତ ହୋଇଥାଏ ।

# ଭଜନ କୀର୍ତ୍ତନରୁ ଆଲଜାଇମର ନିୟନ୍ତ୍ରଣ

**ଭା**ରତରେ ଚଳିଆସୁଥିବା କୀର୍ତ୍ତନ କ୍ରିୟା ଆଲଜାଇମର (ଏକ ପ୍ରକାର ମାନସିକ ରୋଗ ନିୟନ୍ତ୍ରଣରେ ସହାୟକ ହୋଇପାରିବ ବୋଲି ଏକ ଅଧ୍ୟୟନରୁ ଜାଣିବାକୁ ମିଳିଛି । ଆମେରିକା ଓ୍ୱେଷ୍ଟ ଭର୍ଜିନିଆ ୟୁନିଭର୍ସିଟିର ଗବେଷକମାନେ କହନ୍ତି, ଏକ ସରଳ ଭଜନ କୀର୍ତ୍ତନ ବା ସଂଗୀତ ଚିକିତ୍ସା ଦ୍ୱାରା ବୟସ୍କଙ୍କଠାରେ ଦେଖାଦେଉଥିବା ସ୍ମୃତିବିଭ୍ରମ ବା ଭୁଲାପଣକୁ ନିୟନ୍ତ୍ରଣ କରାଯାଇ ପାରିବ । ଏ ସମ୍ପର୍କିତ ଏକ ଅଧ୍ୟୟନ ଜର୍ନାଲ ଅଫ୍ ଆଲ୍‌ଜାଇମର ଡିଜିଜ୍'ରେ ପ୍ରକାଶ ପାଇଛି । ଏଥିରେ କୁହାଯାଇଛି ଯେ, କୀର୍ତ୍ତନ କ୍ରିୟା ସ୍ମୃତିଶକ୍ତି, ବୌଦ୍ଧିକ ଦକ୍ଷତା, ନିଦ୍ରା, ମନୋଭାବ ଏବଂ ଗୁଣାତ୍ମକ ଜୀବନଯାପନ ଉପରେ ପ୍ରତ୍ୟକ୍ଷ ଭାବରେ ପ୍ରଭାବ ପକାଏ । ୬୦ବର୍ଷ ବା ତଦୁର୍ଦ୍ଧ ବୟସର ବ୍ୟକ୍ତିମାନେ ସ୍ମୃତିବିଭ୍ରମର ଶିକାର ହୋଇ ଥାଆନ୍ତି । ପ୍ରତିଦିନ ୧୨ ମିନିଟ୍ ଲେଖାଏ ୧୨ ସପ୍ତାହ କୀର୍ତ୍ତନ କ୍ରିୟା ବା ସଂଗୀତ ଶୁଣିବା କାର୍ଯ୍ୟକ୍ରମ ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ବୋଲି ଗବେଷକମାନେ ମତ ଦେଇଛନ୍ତି । ଏହି କ୍ରିୟାରେ ଗୀତ ଗାୟନ ସହିତ କରତାଳି ବଜାଇଲେ ହାତ ଅଙ୍ଗୁଳିରେ ଥିବା ସ୍ନାୟୁ ସକ୍ରିୟ ହେବା ଫଳରେ ସ୍ମୃତିଶକ୍ତି ବଜାୟ ରହିଥାଏ ।



# ବାର୍ଦ୍ଧକ୍ୟର ପ୍ରସ୍ତୁତି

ବାର୍ଦ୍ଧକ୍ୟ ଜୀବନର ଏପରି ଏକ ସତ୍ୟ, ଯାହା ସହିତ ଶୀଘ୍ର ହେଉ ବା ବିଳମ୍ବରେ ସମସ୍ତଙ୍କର ସମ୍ବନ୍ଧ ଯୋଡ଼ି ହୋଇଥାଏ । ଜୀବନର ମହାଯାତ୍ରାରେ ଏହା ଏକ ମୁଖ୍ୟ ରହଣି ସ୍ଥଳ । ଯଦି ଉଚିତ ପ୍ରସ୍ତୁତି ସହିତ ଏହାର ସାମନା କରାଯାଏ ତ ଏହାଠାରୁ ବଳି ତୃପ୍ତି, ଦୃଷ୍ଟି ଓ ଶାନ୍ତି ଦେଉଥିବା ଜୀବନର ଅନ୍ୟ କୌଣସି ଅବସ୍ଥା ହୋଇ ନ ପାରେ ଏବଂ ଯଦି ଏହାର ପୁରା ପ୍ରସ୍ତୁତି ହୋଇ ନଥାଏ ତଥା ବେହୋସରେ ଏହାର ପୂର୍ବ ଯୌବନ ଓ ପ୍ରୌଢ଼ାବସ୍ଥାର ବହୁମୂଲ୍ୟ ସମୟ ବରବାଦ କରାଯାଇଥାଏ ତେବେ ବାର୍ଦ୍ଧକ୍ୟ କଷ୍ଟକାକାର୍ଣ୍ଣ ହୋଇଯାଏ । ବାର୍ଦ୍ଧକ୍ୟ ନାମରେ ପ୍ରାୟ ଶରୀର ଦୃଷ୍ଟିରୁ ଜର୍ଜର, ମନ ଦୃଷ୍ଟିରୁ ଭଗ୍ନ, ହତାଶ ଏବଂ ପରାଶ୍ରିତ ବ୍ୟକ୍ତିମାନଙ୍କର ଚିତ୍ରଣ କରାଯାଏ, କିନ୍ତୁ ଯଦି ବାର୍ଦ୍ଧକ୍ୟକୁ ମାନସିକ ଉତ୍ସାହ, ଆଶା ଓ ସୃଜନର ଆଧାରରେ ଅଙ୍କାଯିବ ତ ଆୟୁ ସହିତ ଏହାର କୌଣସି ସମ୍ବନ୍ଧ ନାହିଁ ।

ଏକ ପକ୍ଷରେ ଯେଉଁଠି ୨୦-୩୦ ବର୍ଷ ବୟସର ତଥାକଥିତ ଯୁବାମାନଙ୍କୁ ମଧ ଜୀବନରେ ହତାଶା, ନିରାଶା ଏବଂ ଭୟ ଅସୁରକ୍ଷା ଦ୍ୱାରା ଗ୍ରସିତ ଥିବାର ଦେଖାଯାଇଥାଏ ତ ସେଇଠି ୭୦-୮୦ ବର୍ଷ ଓ ଏହାଠାରୁ ମଧ ଅଧିକ ବୟସରେ ଅନେକଙ୍କୁ ଆଶା, ଉତ୍ସାହ ଏବଂ ଉଲ୍ଲାସ ପୂର୍ବକ ଜୀବନର ଆନନ୍ଦ ଉଠାଉଥିବାର ଦେଖାଯାଇ ପାରେ ।

ଏପରି ଉଦାହରଣ ଗୁଡ଼ିକ ଦ୍ୱାରା ଇତିହାସର ପୃଷ୍ଠା ପରିପୂର୍ଣ୍ଣ ତୁଲସୀଦାସ ୮୦ ବର୍ଷ ଆୟୁରେ ରାମଚରିତ ମାନସର ରଚନା ଆରମ୍ଭ କରିଥିଲେ । ଏହି ଯୁଗରେ ସ୍ୱାମୀ କଲ୍ୟାଣ ଦେବ ୧୨୮ ବର୍ଷ ବୟସରେ ମଧ ସମାଜ ସେବା ବଡ଼ ସକ୍ରିୟତା ପୂର୍ବକ କରୁଛନ୍ତି ।

ମହାତ୍ମା ଗାନ୍ଧୀ, ମଦନ ମୋହନ ମାଲବ୍ୟ, ଶ୍ରୀ ହନୁମାନ ପ୍ରସାଦ ପୋଦ୍ଦାର, ଶ୍ରୀ ଯମୁନାଲାଲ ବଜାଜଙ୍କ ଭଳି ମନସ୍ୱୀ ବୃଦ୍ଧାବସ୍ଥାର ଏପରି ଆଦର୍ଶ ଥିଲେ, ଯେଉଁମାନେ ଅନ୍ତିମ ସମୟ ପର୍ଯ୍ୟନ୍ତ ପ୍ରାଣବନ୍ତ ରହି ଲୋକହିତ କାର୍ଯ୍ୟରେ ନିଜକୁ ସଂଲଗ୍ନ କରିଥିଲେ । ଯଦ୍ୟପି ଆଜିର ସନ୍ଦର୍ଭରେ ଶାରୀରିକ ଲକ୍ଷଣଗୁଡ଼ିକ ଆଧାରରେ ୬୦-୬୫ ବର୍ଷ ପରେ ଯେତେବେଳେ ଇନ୍ଦ୍ରିୟଗୁଡ଼ିକ ଶିଥିଳ ହେବା ଆରମ୍ଭ ହୋଇଯାଏ ସେତେବେଳେ ବାର୍ଦ୍ଧକ୍ୟର ଆରମ୍ଭ ବୋଲି ସ୍ୱୀକାର କରାଯାଉଛି ।

ଏହି ବୟସ ଆସୁ ଆସୁ ଶରୀରରେ ଚର୍ମ ଲୋଳିତ ହୋଇଯାଏ । ଦାନ୍ତ ପଡ଼ିବା ଆରମ୍ଭ ହୋଇଯାଏ । କାନ ଦ୍ୱାରା ଶୁଣିବା କମ୍ ହୋଇଯାଏ । ସ୍ମରଣ ଶକ୍ତି ଲୋପ ହେବାକୁ ଲାଗେ । ପାଚନ ଠାରୁ ଆରମ୍ଭ କରି ଶରୀରର ଅନ୍ୟ କ୍ରିୟାଗୁଡ଼ିକ ମନ୍ଦ ହୋଇଯାଏ । ଅଧିକ ଶାରୀରିକ-ମାନସିକ ଶ୍ରମ କରିବାର କ୍ଷମତା ମଧ ହ୍ରାସ ହୋଇଯାଏ ।

ଏହି ଅବସ୍ଥାରେ ସହଜରେ ଅନେକ ପ୍ରକାରର ରୋଗ ସଂକ୍ରମଣ ହେବାକୁ ଲାଗେ । ବ୍ୟକ୍ତି ନିଜର ବାଲ୍ୟାବସ୍ଥା, ଯୁବାବସ୍ଥା ଓ ପ୍ରୌଢ଼ାବସ୍ଥାର କେଉଁ ପ୍ରକାର ଉପଯୋଗ ବା ଦୁରୁପଯୋଗ କରିଛି, ଏହା ଉପରେ ବହୁତ କିଛି ନିର୍ଭର କରେ । ଯଦି ଏହି ସମୟରେ ଅସଂଯମିତ ଓ ମନମୁଖ ଢଙ୍ଗରେ ଜୀବନଯାପନ ହୋଇଥାଏ ତ ପୁଣି ବାର୍ଦ୍ଧକ୍ୟରେ ତାହାର ଦୁଷ୍ପରିଣାମ ଅନେକ ଗୁଣ ବଢ଼ିଯାଏ । ଏପରି ବାର୍ଦ୍ଧକ୍ୟର ପ୍ରକ୍ରିୟା କମ୍ ଆୟୁରେ ମଧ ଆରମ୍ଭ ହୋଇପାରେ ଏବଂ ଭବିଷ୍ୟତ ଜୀବନ ବହୁତ କଷ୍ଟପ୍ରଦ ହୋଇଯାଏ ।

ଏପରି ସ୍ଥିତିରେ ବ୍ୟକ୍ତି ଶାରୀରିକ ରୋଗ ସହିତ ଏକଲାପଣର ଭାବରେ ଆକ୍ରାନ୍ତ ହୋଇପାରେ । ଆତ୍ମୀୟ ସ୍ୱଜନଙ୍କ ଠାରୁ ଅତ୍ୟଧିକ ଓ ଅଧାପନ୍ତରା ଆଶା ଏବଂ ଉପେକ୍ଷାର ସେତେବେଳେ ମାନସିକ ଚିନ୍ତା ଓ ଉତ୍ତେଜନାର କାରଣ ହୋଇଥାଏ ତଥା ନିଜ ସନ୍ତାନମାନଙ୍କ ଠାରୁ ହିଁ ଉପେକ୍ଷା, ଅପମାନରୁ ନେଇ ପ୍ରତାଡ଼ନାର ବ୍ୟବହାର ମଧ କେତେକ ଅଭାଗାଙ୍କୁ ସହିବାକୁ ପଡ଼ିଥାଏ । ଏଥିପାଇଁ ବ୍ୟକ୍ତି ସ୍ୱୟଂ ଦାୟୀ ହୋଇଥାଏ; କାରଣ ଜୀବନରେ ବହୁତ କିଛି ନିଜର ହିଁ ପୂର୍ବ କର୍ମ ଏବଂ ପାପ କୃତ୍ୟଗୁଡ଼ିକର ପରିପାକ ରୂପେ ଫଳିତ ହୋଇଥାଏ, ଯାହାର ସମୟ ଥାଉ ଥାଉ ଉପଚାର ଏବଂ ପ୍ରତିକାର କରାଯିବାର ଥିଲା । ଏହି ଆଧାରରେ ବାର୍ଦ୍ଧକ୍ୟ ଜୀବନ ବରଦାନ ହୋଇ ପାରିଥାନ୍ତା ।

ବୃଦ୍ଧାବସ୍ଥା ଜୀବନର ଏପରି ଏକ ଅବସ୍ଥା, ଯେଉଁଥିରେ ବ୍ୟକ୍ତି ନିଜ ଜୀବନର ସମସ୍ତ ବ୍ୟବସ୍ଥା ଠାରୁ ଅବକାଶ ପ୍ରାପ୍ତ କରିନିଏ ଏବଂ ଯେଉଁ ଉପଯୋଗୀ କାର୍ଯ୍ୟଗୁଡ଼ିକୁ ବ୍ୟସ୍ତତା କାରଣରୁ ସେ କାଲି କରିବା ବୋଲି ଟାଳିଦେଇ ଆସୁଥିଲା, ସେଥିରେ ଅବତରଣ କରି ସେ ଜୀବନର ଅଜ୍ଞାତ ଆନନ୍ଦ ଉଠାଇ ପାରେ । ବାସ୍ତବରେ ବୃଦ୍ଧାବସ୍ଥା ଜୀବନର ସେହି କୂଳ ଅଟେ, ଯେଉଁଠି ବ୍ୟକ୍ତି ସମସ୍ତ ସଂଘର୍ଷକୁ ପାର କରି ଏବଂ ଜୀବନର ଝଡ଼ିଗୁଡ଼ିକୁ ଅତିକ୍ରମ କରି ପହଞ୍ଚିଥାଏ ଆଉ ନିଜକୁ ଅଧିକ ଶାନ୍ତ, ଅଧିକ ସୁଖୀ ତଥା ସମାଜ ପାଇଁ ଅଧିକ ଉପଯୋଗୀ କରିପାରେ ।

ଏହା ସହିତ ଏକଥା ମଧ ସତ୍ୟ ଯେ ଏହି କୂଳରେ ବ୍ୟକ୍ତି ଯେତିକି ବ୍ୟଗ୍ର, ଚିନ୍ତିତ ଓ ନିରାଶ ହୋଇ ପହଞ୍ଚିଥାଏ, ସେତେବେଳେ ମନେହୁଏ, ଜୀବନକୁ ବିତାଇବାରେ, ଏହି କୂଳରେ ପହଞ୍ଚିବା ପୂର୍ବରୁ କୌଣସି ତ୍ରୁଟି ରହି ଯାଇଛି ଏବଂ ସେ ଏହି କୂଳରେ ଓହ୍ଲେଇବାକୁ ଚାହୁଁ ନାହିଁ ଓ ଲାଗେ ଯେପରି ଜବରଦସ୍ତ ତାକୁ ଓହ୍ଲାଇ ଦିଆଯାଇଛି । ତେଣୁକରି ବାର୍ଦ୍ଧକ୍ୟ ପାଇଁ ପୂର୍ବ ପ୍ରସ୍ତୁତି ପୂର୍ବକ ଜୀବନର ଏହି ସ୍ୱର୍ଣ୍ଣିମ ସମୟର ସେହି ଲାଭ ଓ ଆନନ୍ଦ ଉଠାଯିବା ଦରକାର ଯାହା ଅତୀତର ସମଗ୍ର ଜୀବନରେ କେବେ ମିଳି ନ ଥିଲା । ଏହା ଅତି ମହତ୍ତ୍ୱପୂର୍ଣ୍ଣ ।

ବାସ୍ତବରେ ମାନବ ଜୀବନ ପୁରୁଷାର୍ଥ ଏବଂ ପ୍ରାୟଶ୍ଚିତ ପାଇଁ ମିଳିଛି, ଯାହା ଅନ୍ୟ କୌଣସି ବି ଯୋନିରେ ସମ୍ଭବ ନୁହେଁ । ପୁରୁଷାର୍ଥ ଦ୍ୱାରା ଆମେ ସର୍ବଦା ସତ୍କର୍ମ କରିବା, ସଦାଚାର ଓ ସଦ୍‌ଗୁଣଗୁଡ଼ିକର ପ୍ରଚାର-ପ୍ରସାର କରିବା ତଥା ସମାଜରେ ସର୍ବତ୍ର ସତ୍ପ୍ରବୃତ୍ତି ଗୁଡ଼ିକର ବିକାଶ କରିବାରେ ନିଜର ଯୋଗଦାନ ଦେବା । କୌଣସି ଜନ୍ମରେ ଆମେ କୌଣସି ବି ଜୀବ ପ୍ରତି କୌଣସି ପ୍ରକାରର ପାପ-ଅତ୍ୟାଚାର କରିଥାଇ ପାରନ୍ତି, ତାହାର ପ୍ରାୟଶ୍ଚିତ୍ତ ସ୍ୱରୂପ ଏହି ଜୀବନରେ ସମସ୍ତ ଜୀବଙ୍କ ପ୍ରତି ଦୟାର ଭାବ ରଖିବା ଆଉ ପ୍ରତ୍ୟେକ ପ୍ରକାରେ ସେମାନଙ୍କର ସେବା କରିବା । ନିଜର ଅନୁଭବଗୁଡ଼ିକ ଦ୍ୱାରା ସମସ୍ତଙ୍କ ମାର୍ଗଦର୍ଶନ କରିବା । ନିଜର ପ୍ରତିଭା-କ୍ଷମତାର ଲାଭ ସମସ୍ତଙ୍କୁ ନେବାକୁ ଦେବା ।

ଯେଉଁ ବ୍ୟକ୍ତି ନିଜ ଜୀବନକୁ ଏହି ପ୍ରକାର ପ୍ରାୟଶ୍ଚିତ୍ତ ଏବଂ ପୁରୁଷାର୍ଥର ମାର୍ଗରେ ଚଲାଇଥାନ୍ତି, ବୃଦ୍ଧାବସ୍ଥାରେ ତାଙ୍କ ପାଇଁ କୌଣସି ପ୍ରକାରର ସମସ୍ୟା ଆସି ନ ଥାଏ ଏହା ତ ପରମାତ୍ମାଙ୍କ କୃପା ଯେ ସେ ଦୀର୍ଘାୟୁ ରୂପରେ ଆମର ସତ୍‌କର୍ମଗୁଡ଼ିକର ସୁଗନ୍ଧ ବିସ୍ତାର କରିବାର ଏକ ଅବସର ଆମକୁ ଦେଇଛନ୍ତି । ଏହି ରୂପରେ ବୃଦ୍ଧାବସ୍ଥା ଜୀବନର ନବନୀତ ଅଟେ, ଯାହାକୁ ଅଭିଶାପ ମାନି ବସିବା ଆମର ନିର୍ବୋଧତା ମାତ୍ର ।

ଯଦି କୌଣସି କାରଣରୁ ଏପରି ହୋଇ ନ ପାରେ ତ ଯୁବାବସ୍ଥାରେ ଏହାର ପ୍ରସ୍ତୁତି କରିବା ଉଚିତ ଆଉ ଯଦି ଏହି ବୟସରେ ମଧ ଭୁଲ ହୋଇଗଲା ତେବେ ପ୍ରୌଢ଼ାବସ୍ଥାରେ ଏଥିପାଇଁ ସଚେଷ୍ଟ ହୋଇଯିବା ଦରକାର । ଯେଉଁ ସମୟ ବିତିଗଲା, ତାହା ବିତିଗଲା, ଏପରି ମାନି ଚାଲିବା ଆବଶ୍ୟକ ଏବେ ଯେଉଁ ସମୟ ଅବଶିଷ୍ଟ ରହିଛି, ସେଥିରେ ନିଜର କର୍ମ ଓ ଚିନ୍ତନକୁ ସହି ଦିଶା ପ୍ରଦାନ କରି ଶେଷ ଜୀବନକୁ ସୁଖ ଓ ସନ୍ତୋଷପୂର୍ବକ ଆମେ ସମସ୍ତେ ବ୍ୟତୀତ କରି ପାରିବା ବାସ୍ତବରେ ବୃଦ୍ଧାବସ୍ଥାର ଶେଷ ଜୀବନ ଶାପୂର୍ଣ୍ଣ ଆତ୍ମଚିନ୍ତନ ତଥା ଭଗବଦ୍ ଭଜନ କରିବା ପାଇଁ ହୋଇଥାଏ, କାମନା ଗୁଡ଼ିକର ପୂର୍ତ୍ତି ହେତୁ ଧାଁଦଉଡ଼ କରିବା ପାଇଁ ନୁହେଁ ।

ଭାରତୀୟ ପରଂପରାରେ ଆଶ୍ରମ ବ୍ୟବସ୍ଥା ଏଥିପାଇଁ ନିର୍ଦ୍ଧାରିତ କରାଯାଇଛି, ଯେଉଁଥିରେ ବ୍ରହ୍ମଚର୍ଯ୍ୟ ଓ ଗୃହସ୍ଥାଶ୍ରମ ପରେ ପୁଣି ବାନପ୍ରସ୍ଥ ଓ ସନ୍ୟାସ ଆଶ୍ରମର କ୍ରମ ଆସୁଥିଲା ଏହା ସେହି ସମୟ ହୋଇଥାଏ, ଯେତେବେଳେ ନିଜର ପରଲୋକ ପ୍ରାସାଦର ଭରି ରଖୁଥାଏ, କିନ୍ତୁ ଏହା ସେତେବେଳେ ସମ୍ଭବ ହୋଇଥାଏ, ଯେତେବେଳେ ମନୁଷ୍ୟ ପ୍ରଥମରୁ ହିଁ ଏହାର ପ୍ରସ୍ତୁତି କରି ଜୀବନର ଅନ୍ତିମ ଚରଣରେ ପ୍ରବେଶ କରିଥାଏ, ଯୁବାବସ୍ଥାରେ ଅବିଶ୍ରାନ୍ତ ପରିଶ୍ରମ କରି ନିଜର କରିବା ଏବଂ ଦାୟିତ୍ୱଗୁଡ଼ିକୁ ପୂର୍ଣ୍ଣ କରିଥାଏ । ଏଥିପାଇଁ ନିଜର ସନ୍ତାନମାନଙ୍କୁ ସେ ଏପରି ଯୋଗ୍ୟ କରି ଗଢୁ ଯେପରି ସେହି ଦାୟିତ୍ୱକୁ ସେମାନେ ଠିକ୍ ଭାବେ ସମ୍ଭାଳି ପାରିବେ । ନିଜ ପାଇଁ ସ୍ଥାୟୀ ପରିସ୍ଥିତିଗୁଡ଼ିକର ନିର୍ମାଣ କରୁ, ଯାହା ଆଗକୁ ତା'ର ସଚ୍ଚା ସହଯୋଗୀ ହୋଇ ପାରିବ । ସଂଯମ, ନିୟମ ତଥା କଠୋର ବ୍ରତ ପାଳନ ଦ୍ୱାରା ଏତେ ଶକ୍ତି, ଏତେ ତପ-ତେଜ ସଂଚୟ କରିବା ଉଚିତ, ଯାହା ଅନ୍ତିମ କ୍ଷଣ ପର୍ଯ୍ୟନ୍ତ ତାକୁ ଅଶାନ୍ତ ହେବାକୁ ଦେବ ନାହିଁ । ଏଥିପାଇଁ ଯଦି ବାଲ୍ୟାବସ୍ଥା ଓ ଯୁବାବସ୍ଥାରେ କୌଣସି ଭୁଲ ହୋଇଯାଇଛି ତ ସେଥିପାଇଁ ହତାଶ ଓ ନିରାଶ ହେବା ଅନୁଚିତ । ଏବେ ବି ସମୟ ଅଛି ଆଉ ଦୃଢ଼ ନିଶ୍ଚୟ ପୂର୍ବକ ବିପରୀତ ପରିସ୍ଥିତିଗୁଡ଼ିକୁ ଓଲଟାଇ ସିଧା କରାଯାଇ ପାରିବ । ଏଥିପାଇଁ ସର୍ବପ୍ରଥମେ ନିଜ ଜୀବନର ସମୀକ୍ଷା କରିବା ଦରକାର । କୌଣସି ଭୁଲ ହୋଇଯାଇଥିଲେ ସଙ୍କୋଚତା ପୂର୍ବକ ଏହାକୁ ସୁଧାରିବା ପାଇଁ ପ୍ରୟାସ କରିବା ଆବଶ୍ୟକ ।

ଆମେ ନିଜର ଆବଶ୍ୟକତାଗୁଡ଼ିକୁ କମ୍ କରିବା ଆଉ ପରିସ୍ଥିତିଗୁଡ଼ିକ ସହିତ ଖାପ ଖୁଆଇ ଚଳିବା, ଏହା ମଧ ଅତ୍ୟନ୍ତ ଆବଶ୍ୟକ । ଘର-ପରିବାର ଏବଂ ପଡ଼ୋଶୀରେ ଯେପରି ବି ଭଲ-ମନ୍ଦ ବାତାବରଣ ମିଳିଛି, ସେଥିରେ ପ୍ରସନ୍ନ ରହିବାର ଅଭ୍ୟାସ କରିବା ଉଚିତ । ଯଦି ପରିବେଶ ପ୍ରତିକୂଳ ଅଛି, ତେବେ ପଦ୍ମକୁ ବି କାଦୁଅରେ ରହିବାକୁ ପଡ଼ିଥାଏ; ଏପରି ମାନି ଚାଲିବା ଆବଶ୍ୟକ ଏଥିରେ ଦୁଃଖୀ ହେଲେ ଲାଭ କ'ଣ ? ଈଶ୍ୱରୀୟ ଇଚ୍ଛା ମାନି ଆମେ ପ୍ରତ୍ୟେକ ସ୍ଥିତିରେ ଖୁସୀରେ ରହିବା ଦରକାର । ଅନାବଶ୍ୟକ ମୋହ ତ୍ୟାଗ କରି ନିଜର କ୍ଷମତା-ଯୋଗ୍ୟତାର ସର୍ବଶ୍ରେଷ୍ଠ ନିୟୋଜନ ସମାଜ ହିତରେ କରନ୍ତୁ ଏହାକୁ ପରିପୂର୍ଣ୍ଣତା ଦେବା ପାଇଁ ଆଧ୍ୟାତ୍ମିକତାକୁ ଆପଣାନ୍ତୁ । ଅନ୍ତର୍ମୁଖୀ ହୋଇ ଆତ୍ମଚିନ୍ତନ, ମନନ, ଧ୍ୟାନ ଓ ଭଜନରେ ନିମଗ୍ନ ରହନ୍ତୁ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

## ଟିକିଏ ହସନ୍ତୁ

ସ୍ତ୍ରୀ : ଜାନୁ କ'ଣ ମୁଁ ତୁମ ସ୍ୱପ୍ନରେ ଆସେ ?
ସ୍ୱାମୀ : ଆଦୌ ନୁହଁ ।
ସ୍ତ୍ରୀ : କାହିଁକି ?
ସ୍ୱାମୀ : ମୁଁ ହନୁମାନ ଚାଲିଶା ପଢ଼ି ଶୁଏ ।

× × × ×

ପପୁ : ମୁଁ ବି ମୋ ବାହାଘରେ ଏମିତି ଆଇଟମ୍ ଗର୍ଲଙ୍କୁ ନଚେଇବି ।
ବାପା : ବଦମାସ୍ ଇଏ ଆଇଟମ୍ ଗର୍ଲ ନୁହନ୍ତି ତୋ ପିଉସୀ ଏବଂ ମାଉସୀ ।

× × ×

ଭକ୍ତ : ଭଗବାନ ମୁଁ ପାପୀ । ମତେ କଷ୍ଟ ଦିଅ, ଦୁଃଖୀ ଦିଅ, ମତେ ବରବାଦ କରିଦିଅ, ମୋ ପଛରେ ଭୂତ ଲଗାଇଦିଅ ।
ଭଗବାନ : ଆରେ ଗୋଟିଏ ଲାଇନ୍‌ରେ କହୁନୁ ତତେ ସ୍ତ୍ରୀ ଦରକାର ।

× × × ×

ସ୍ତ୍ରୀ : ଯଦି ତୁମ ଚୁଟି ଏମିତି ଝଡ଼ିବ ତା' ହେଲେ ମୁଁ ତୁମକୁ ଛାଡ଼ପତ୍ର ଦେଇ ଦେବି ।
ସ୍ୱାମୀ (ଖୁସିରେ) : ସତରେ ମୁଁ ବୋକା ଯେ ଚୁଟି ଝଡ଼ା ରୋକିବା ପାଇଁ ମେଡିସିନ୍ ଖାଉଥିଲି ।



× × × ×

ସ୍ତ୍ରୀ : ବାହାଘର ପୂର୍ବରୁ ମତେ ସିନେମା, ହୋଟେଲ ସବୁଆଡ଼େ ବୁଲେଇ ନେଉଥିଲ । ହେଲେ ଏବେ ଘର ବାହାରକୁ ବି ଯିବାକୁ ଦେଉନ ।
ସ୍ୱାମୀ : କେବେ ନିର୍ବାଚନ ପରେ ପ୍ରଚାର ହେବାର ଦେଖିଛ ।

× × × × × ×

ଜଜ୍ : ଘରେ ମାଲିକ ଥାଉ ତୁ ଚୋରି କେମିତି କଲୁ ?
ଚୋର୍ : ସାର୍ ଆପଣ ତ ଭଲ ଚାକିରି କରିଛନ୍ତି ଟଙ୍କା ବି ଭଲ ପାଉଛନ୍ତି ତା' ହେଲେ ଏ ସବୁ ବିଷୟରେ ଶିଖି କ'ଣ କରିବେ ?

× × × × × ×

ସ୍ୱାମୀ : ଏତେ ଭଲ ଚଟ୍‌ନି କେମିତି ବନେଇ ଦେଉଛ ?
ସ୍ତ୍ରୀ : ବନେଇବା ବେଳେ ତୁମ କଥା ମନେ ପକାଉଛି କୁଟିବାରେ ସହଜ ହେଉଛି ।

ଶ୍ରୀକ୍ଷେତ୍ର

ବର୍ଷ ୨୭, ସଂଖ୍ୟା- ୧୭, ୧୭ - ୨୩ ଏପ୍ରିଲ ୨୦୨୨

# ଜଳ ସଂକଟର ଆହ୍ୱାନ

୧୯୬୨ରେ ଭାରତରେ ପ୍ରତି ବ୍ୟକ୍ତି ପିଛା ସକଳ ଘରୋଇ ଉତ୍ପାଦ ଚୀନ ଠାରୁ ଦୁଇ ଗୁଣ ଅଧିକ ଥିଲା । ସ୍ୱଚ୍ଛ ଜଳର କଥା କହିବା ତ ଭାରତରେ ପ୍ରତି ବ୍ୟକ୍ତି ପିଛା ଜଳର ଉପଲବ୍ଧତା ଚୀନ ତୁଳନାରେ ୭୫ ପ୍ରତିଶତ ଥିଲା । ୨୦୧୪ ବେଳକୁ ଏହି ଉପଲବ୍ଧତା ଚୀନ ତୁଳନାରେ ୫୪ ପ୍ରତିଶତ ହୋଇଗଲା । ବିଚାରଯୋଗ୍ୟ କଥା ଯେ ୨୦୧୪ରେ ଚୀନର ପ୍ରତି ବ୍ୟକ୍ତି ପିଛା ସକଳ ଘରୋଇ ଉତ୍ପାଦ ଭାରତ ଠାରୁ ୩.୭ ଗୁଣ ଅଧିକ ହୋଇଯାଇଥିଲା ।

ଏହି ତଥ୍ୟ ସ୍ପଷ୍ଟ ରୂପେ ସୂଚନା ଦିଏ ଯେ ବିଗତ ବର୍ଷ ଗୁଡ଼ିକରେ ଭାରତରେ ବ୍ୟକ୍ତି ପିଛା ଜଳର ଉପଲବ୍ଧତା କ୍ରମାଗତ ଊଣା ହେବାରେ ଲାଗିଛି । ବାର୍ଷିକ ଆଧାରରେ ଦେଖିଲେ ୧୯୮୦ ଦଶକ ପର୍ଯ୍ୟନ୍ତ ଭାରତରେ ପ୍ରତି ବ୍ୟକ୍ତି ପିଛା ଜଳର ଉପଲବ୍ଧତା ପ୍ରତିବର୍ଷ ୨ ପ୍ରତିଶତରୁ ଅଧିକ ହାରରେ କମିବାରେ ଲାଗିଛି । ୨୦୧୨ ରୁ ୨୦୧୪ ମଧ୍ୟରେ ଏହା ସୁଧୁରି ୧.୨ ପ୍ରତିଶତ ହେଲା, କିନ୍ତୁ ଏହି ମୋର୍ଚ୍ଚାରେ ମଧ ଚୀନ ବହୁତ ଭଲ କରୁଛି ।

ଏହି ଶତାବ୍ଦୀର ପ୍ରାରମ୍ଭରୁ ହିଁ ଚୀନ ବ୍ୟକ୍ତି ପିଛା ଜଳର ବାର୍ଷିକ ଉପଲବ୍ଧତାର ହ୍ରାସ ମାତ୍ର ଏକ ପ୍ରତିଶତରୁ ମଧ କମ୍ ରଖି ପାରିଛି । ଏପରି କରି ମଧ ସେ ଆଜି ଭାରତ ଠାରୁ ଅଧିକ ତୀବ୍ର ଗତିରେ ନିଜର ବ୍ୟକ୍ତି ପିଛା ସକଳ ଘରୋଇ ଉତ୍ପାଦ ହାରରେ ବୃଦ୍ଧି କରି ପାରିଛି ।

ସାଧାରଣତଃ ସହରୀ କ୍ଷେତ୍ରଗୁଡ଼ିକରେ ହେଉଥିବା ଜଳ ସଂକଟ ଆମର ଧ୍ୟାନ ଆକର୍ଷଣ କରୁଛି, ଯଦ୍ୟପି ଭାରତ ଓ ଅନ୍ୟ ଦେଶଗୁଡ଼ିକରେ ମଧ ଜଳର ଉପଯୋଗ ବହୁଳ ଭାବେ କୃଷି କ୍ଷେତ୍ରରେ ହୋଇଥାଏ । ୨୦୧୦ ଭାରତରେ ଶୁଦ୍ଧ ଜଳର ୯୦ ପ୍ରତିଶତ ଭାଗ କୃଷି କାର୍ଯ୍ୟରେ ଉପଯୋଗ ହେଉଥିଲା । ଏପରିକି ଚୀନରେ ମଧ ସକଳ ଘରୋଇ ଉତ୍ପାଦରେ କୃଷିର ଭାଗୀଦାରୀ ଭାରତ ତୁଳନାରେ ଅଧା, ସେଠାରେ ମଧ ୬୪ ପ୍ରତିଶତ ଶୁଦ୍ଧ ଜଳର ପ୍ରୟୋଗ କୃଷିରେ ହୋଇଛି ।

ଏପରି ସ୍ଥିତିରେ ଆଶା କରାଯାଉଛି ଯେ ଦେଶର ଜଳ ସମ୍ବଳ ହ୍ରାସର ଗତି କୃଷି ଉତ୍ପାଦନରେ ଜଳର କୁଶଳ ପ୍ରୟୋଗ ଉପରେ ବହୁତ ନିର୍ଭରଶୀଳ । କୃଷି କ୍ଷେତ୍ରରେ ଜଳର ସଦୁପଯୋଗ ହେଉ ନାହିଁ, ଏହା ଭାରତରେ ବଢୁଥିବା ଜଳ ସଂକଟର ମୁଖ୍ୟ କାରଣ । ଏକ ସାଧାରଣ ଗଣନା ଅନୁସାରେ ଏହି କଥାକୁ ବୁଝାଯାଇ ପାରେ ।

ବିଶ୍ୱ ବ୍ୟାଙ୍କର ପରିସଂଖ୍ୟାନ ଆମକୁ କୌଣସି ଦେଶ ପାଇଁ ପ୍ରତି ଲିଟର ଜଳରେ କୃଷି ଉତ୍ପାଦକୁ ଆକଳନ କରିବାର ସୁବିଧା ପ୍ରଦାନ କରିଛି । ଭାରତରେ ୨୦୧୦ରେ କୃଷି କ୍ଷେତ୍ରରେ ପ୍ରତି ଲିଟର ଶୁଦ୍ଧ ଜଳର ଉପଯୋଗ ଦ୍ୱାରା କୃଷିରେ ସକଳ ଘରୋଇ ଉତ୍ପାଦର ୦.୫ ଡଲାରର ଉତ୍ପାଦନ ହୋଇଥିଲା, ଯଦ୍ୟପି ଚୀନରେ ୨୦୦୭ରେ ୧.୪ ଡଲାର ଏବଂ ୨୦୧୨ରେ ୧.୬ ଡଲାରର ଉତ୍ପାଦନ ହୋଇଥିଲା ।

ଜଳର ସଦୁପଯୋଗ ବିଷୟରେ ସଫଳ ଦେଶ ରୂପେ ଦେଖା ଯାଉଥିବା ଇସ୍ରାଏଲ ଏତିକି ହିଁ ପାଣିରେ ୩.୯ ଡଲାରର ଉତ୍ପାଦନ କରିଥିଲା ଗତ ତିନି ଦଶକରେ ଭାରତରେ ପ୍ରତି ୟୁନିଟ ଜଳ ଦ୍ୱାରା କୃଷି ଉତ୍ପାଦନରେ କୌଣସି ବୃଦ୍ଧି ହୋଇ ନାହିଁ । ଏହି କଥା ଅଧିକ ଚିନ୍ତାଜନକ ।

ଭାରତୀୟ କୃଷିରେ ଜଳ ଅନୁପଲବ୍ଧତାକୁ ବିଗତ ତିନି ଦଶକରେ ଟ୍ୟୁବୱେଲ ଉପଯୋଗର ବିସ୍ତାର ଦ୍ୱାରା ମଧ ବୁଝାଯାଇ ପାରେ । ୧୯୬୦-୬୧ରେ ଟ୍ୟୁବୱେଲ ଦ୍ୱାରା ଜଳସେଚିତ କ୍ଷେତ୍ରର ଭାଗ କେବଳ ୪.୫ ପ୍ରତିଶତ ଥିଲା ୧୯୬୯-୭୦ରେ ଏହି ଭାଗ ବୃଦ୍ଧି ହୋଇ ୧୦ ପ୍ରତିଶତ ଏବଂ ୨୦୧୪ – ୧୫ରେ ବୃଦ୍ଧି ହୋଇ ୩୩ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଗଲା ।

ଟ୍ୟୁବୱେଲର ପ୍ରୟୋଗ ହେବା ସଙ୍ଗେ ସଙ୍ଗେ ଜଳର ଦୁରୁପଯୋଗ ଓ ଅପବ୍ୟୟ ମଧ ବଢ଼ିଗଲା । ଟ୍ୟୁବୱେଲର ଅଧିକ ଉପଯୋଗ ଫଳରେ ଅନ୍ୟ ଦୁଇଟି କ୍ଷେତ୍ରରେ କ୍ଷତି ଅଧିକ ହେଲା । ଏକରେ ଭୂତଳ ଜଳର ସ୍ତର ବହୁତ କମିଗଲା ଦ୍ୱିତୀୟରେ କୃଷକମାନଙ୍କୁ ଏପରି ଫସଲ ପାଇଁ ପ୍ରେରିତ କଲା, ଯାହା ପରିବେଶର ଅନୁକୂଳ ନ ଥିଲା ଏହା ଦ୍ୱାରା ମାଟିରେ ଲବଣତାର ମାତ୍ରା ଅତ୍ୟଧିକ ବଢ଼ିଗଲା ।

ଦୀର୍ଘକାଳୀନ ବିଚାରରେ ଏହି ପ୍ରକାରର ଚାଷ କ୍ଷତିକାରକ ସିଦ୍ଧ ହେଉଛି । ଏହା ବ୍ୟତୀତ କୃଷକ ଟ୍ୟୁବୱେଲ ପମ୍ପ ଲଗାଇବା ପାଇଁ ସବସିଡ଼ି ଯୁକ୍ତ ବିଜୁଳିର ପ୍ରୟୋଗ କରନ୍ତି । ପରିଣାମ ସ୍ୱରୂପ ଅଧିକାଂଶ ରାଜ୍ୟର ବିଦ୍ୟୁତ୍ ବୋର୍ଡ ବହୁତ କ୍ଷତିରେ ଚାଲୁଛି, ଯଦ୍ଦ୍ୱାରା ରାଜ୍ୟ ସରକାରଙ୍କର ରାଜସ୍ୱ କ୍ଷତି ବଢ଼ିବାରେ ଲାଗିଛି ।

ପରିସଂଖ୍ୟାନ ଅନୁସାରେ ଭାରତୀୟ ରାଜ୍ୟଗୁଡ଼ିକ ଅନ୍ୟ ଦେଶ ତୁଳନାରେ ଫସଲ ଉତ୍ପାଦନରେ ଅଧିକ ଜଳ ଖର୍ଚ୍ଚ କରିଥାନ୍ତି । ସବୁଠାରୁ ଅଧିକ ଚିନ୍ତାର ବିଷୟ ହେଲା, ଅଧିକ ଜଳ ଖର୍ଚ୍ଚ ଦ୍ୱାରା ଉତ୍ପାଦିତ କୃଷି ବସ୍ତୁଗୁଡ଼ିକର ରପ୍ତାନୀ କରି ଦିଆଯାଏ, ଦେଖିବାକୁ ଗଲେ ଏହା ବାସ୍ତବରେ ଜଳର ରପ୍ତାନୀ ଅଟେ ।

ଭାରତରେ ନଦୀ କ୍ଷେତ୍ର ଥିବା ଅଞ୍ଚଳରେ ମଧ ଜଳାଭାବ ଦେଖାଯାଉଛି । ବର୍ଷର ଅଧିକାଂଶ ମାସରେ ଜଳର ଚାହିଦା ଓ ଜଳର ଆପୂରିରେ ବଡ଼ ପ୍ରଭେଦ କାଏମ ରହୁଛି । ସଂକ୍ଷେପରେ କହିବାକୁ ଗଲେ ଭାରତରେ ଜଳ ସଂକଟ ନୂଆ କଥା ନୁହେଁ । ଆମ ଦେଶରେ କମ୍ ବର୍ଷା ହେବା ଯୋଗୁଁ ଆଗାମୀ ବର୍ଷଗୁଡ଼ିକରେ ଦେଶର ଅନେକ ଭାଗରେ ଜଳ ସଂକଟ ବୃଦ୍ଧି ହୋଇ ପାରେ ।

୨୦୧୫-୧୬ରେ କରାଯାଇଥିବା ଚତୁର୍ଥ ରାଷ୍ଟ୍ରୀୟ ପରିବାର ଏବଂ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଅନୁସାରେ ପାନୀୟ ଜଳ ଆଜି ମଧ ଅଧିକାଂଶ ଭାରତୀୟଙ୍କ ପାଇଁ ଦୁର୍ଲଭ ହୋଇଯାଇଛି । କେବଳ ୩୦ ପ୍ରତିଶତ ଭାରତୀୟଙ୍କ ପର୍ଯ୍ୟନ୍ତ ପାଇପ୍ ଦ୍ୱାରା ପାନୀୟ ଜଳ ପହଞ୍ଚି ପାରୁଛି ।

ଗ୍ରାମାଞ୍ଚଳରେ ୨୦ ପ୍ରତିଶତ ଲୋକଙ୍କ ପର୍ଯ୍ୟନ୍ତ ବି ଜଳାପୂରିର ସୁବିଧା ପହଞ୍ଚି ପାରି ନାହିଁ । ସର୍ବେକ୍ଷଣ ଅନୁସାରେ ୫୧ ପ୍ରତିଶତ ଗ୍ରାମୀଣ ଘରଗୁଡ଼ିକରେ ଟ୍ୟୁବୱେଲ ଓ ବୋରୱେଲ ମାଧମରେ ହିଁ ପାନୀୟ ଜଳ ଉପଲବ୍ଧ ହୋଇଥାଏ । ଯେତେବେଳେ ଘରେ ପହଞ୍ଚି ଯାଉଥିବା ପାନୀୟ ଜଳର ଶୁଦ୍ଧତା ଉପରେ ବି ଲୋକେ ବିଶ୍ୱାସ କରନ୍ତି ନାହିଁ, ଏଥିପାଇଁ ବୈକଳ୍ପିକ ମାଧମକୁ ଖୋଜିଥାନ୍ତି, ସେତେବେଳେ ସ୍ଥିତି ଆହୁରି ଚିନ୍ତାଜନକ ହୋଇଯାଏ । ଏହି କାରଣରୁ ମଧ ଜଳର ଅଧିକ ଅପବ୍ୟୟ ହୋଇଥାଏ ।

ଆର.ଓ.ୱାଟର ଫିଲ୍‌ଟରର ପ୍ରୟୋଗ ମଧ ବର୍ତ୍ତମାନ ବଢ଼ିବାରେ ଲାଗିଛି । ଯଦ୍ୟପି ଆର.ଓ. ଏକ ଚତୁର୍ଥାଂଶ ପାଣିକୁ ହିଁ ପିଇବା ପାଇଁ ଉପଲବ୍ଧ କରାଇଥାଏ, ବାକି ପାଣି ବୁହାଇ ବରବାଦ କରି ଦେଇଥାଏ । ଅନ୍ୟ ବିକଶିତ ଦେଶଗୁଡ଼ିକ ପରି ଯଦି ଭାରତୀୟ ଘରଗୁଡ଼ିକରେ ଶୁଦ୍ଧ ଜଳର ଆପୂରି ହୁଅନ୍ତା ଏବଂ ଲୋକେ ତା ଉପରେ ବିଶ୍ୱାସ କରନ୍ତେ, ତେବେ ପାନୀୟ ଜଳର ଖର୍ଚ୍ଚ ମଧ କମ୍ ହୋଇଯାନ୍ତା ।

ଟ୍ୟୁବୱେଲ ବା ଆର.ଓ.ର ବୃଦ୍ଧି ପାଉଥିବା ପ୍ରୟୋଗ ସଙ୍କେତ କରିଥାଏ ଯେ ଭାରତୀୟ ରାଜ୍ୟ ବ୍ୟବସ୍ଥା ବିଶ୍ୱସନୀୟ ଜଳ ବିତରଣ ପ୍ରବନ୍ଧ ବିକଶିତ କରିବାରେ ଅସଫଳ ହୋଇଛି । ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ତଥ୍ୟ ଯେ ଗୁରୁଗ୍ରାମ ଓ ନୋଏଡା ଭଳି ଅନେକ ବାହାର ସହରରେ ଜଳାପୂର୍ତ୍ତିର ସାମୁଦାୟିକ ତନ୍ତ୍ର ବିନା କଲୋନୀଗୁଡ଼ିକୁ ବିକଶିତ ହେବାକୁ ଦିଆଯାଉଛି । ଭୂତଳ ଜଳ ଉପରେ ନିର୍ଭରତା ବଢ଼ିବାରେ ଲାଗିଛି, ଯଦ୍ଦ୍ୱାରା ଜଳ ସଂକଟ କ୍ରମାଗତ ବୃଦ୍ଧି ପାଉଛି । ଜଳ ସଂକଟରୁ ମୁକୁଳିବା ପାଇଁ ବ୍ୟବହାରରେ ପରିବର୍ତ୍ତନ ଆଣିବାକୁ ହେବ । ନୀତି ଆୟୋଗର ଅଧ୍ୟୟନ ଅନୁସାରେ ୨୦୩୦ ସୁଦ୍ଧା ଆପୂର୍ତ୍ତି ତୁଳନାରେ ଜଳର ଚାହିଦା ଦୁଇ ଗୁଣ ଅଧିକ ହୋଇଯିବ । ଏହି କାରଣରୁ ଭୟଙ୍କର ଜଳ ସଂକଟ ଓ ଆର୍ଥିକ କ୍ଷତି ହେବ ।

କହିବା ଅନାବଶ୍ୟକ ଯେ ସ୍ଥିତିକୁ ଯଦି ଆହୁରି ବିଗିଡ଼ିବାରୁ ରୋକିବା ପାଇଁ ତତ୍କାଳ ଓ ସଫଳ ପଦକ୍ଷେପ ନିଆ ନ ଯିବ ତେବେ ଏହି ସଂକଟ ଆହୁରି ବଢ଼ିଯିବ । ତେଣୁ ସମୟ ଥାଉ ଥାଉ ଏହି ଦିଗରେ ସାର୍ଥକ ପ୍ରୟାସର ଆବଶ୍ୟକତା ରହିଛି ।



## ଜୀବଚ୍ଛେଦନ

### ମହାତ୍ମା ଗାନ୍ଧୀ

ଖାସ୍ ବିଜ୍ଞାନର ଅଗ୍ରଗତି ବିଷୟରେ ମୋ'ର କୌଣସି ବିରୋଧ ନାହିଁ । ଓଲଟି, ପାଶ୍ଚାତ୍ୟ ଜଗତର ବୈଜ୍ଞାନିକ ମନୋଭାବର ମୁଁ ସର୍ବଦା ପ୍ରଶଂସାକରି ଆସିଛି । ମୋ'ର ସେହି ପ୍ରଶଂସାରେ ଯେ କେତୋଟି ସର୍ତ୍ତ ରହିଛି, ତାହାର କାରଣ ହେଉଛି ଯେ, ପାଶ୍ଚାତ୍ୟର ବୈଜ୍ଞାନିକ ଈଶ୍ୱରଙ୍କର ନିମ୍ନତର ସୃଜନଗୁଡ଼ିକ ଲାଗି ଆଦୌ କୌଣସି ବିଚାର ହିଁ କରୁନାହିଁ । ମୋ'ର ସମସ୍ତ ଆତ୍ମା ଦେଇ ମୁଁ ଜୀବଚ୍ଛେଦନକୁ ଘୃଣା କରେ । ତଥାକଥିତ ବିଜ୍ଞାନ ତଥା ମାନବଜାତି ନାମରେ ଅତ୍ୟନ୍ତ ଅକ୍ଷମଣୀୟଭାବରେ ମଣିଷ ଜୀବନର ଯେପରି ସଂହାର କରାଯାଉଛି, ମୁଁ ତାହାକୁ ପ୍ରକୃତରେ ଘୃଣା କରୁଛି ଏବଂ ମଣିଷ ଜୀବନର ରକ୍ତଦ୍ୱାରା ରକ୍ଷିତ ଯାବତୀୟ ବୈଜ୍ଞାନିକ ଆବିଷ୍କାରର ଆଦୌ କୌଣସି ମୂଲ୍ୟ ନାହିଁ ବୋଲି ମୁଁ ବିଚାର କରୁଛି ।

ଜୀବଚ୍ଛେଦନ ନ ହୋଇଥିଲେ ଯଦି ରକ୍ତ ସଞ୍ଚାଳନ ସିଦ୍ଧାନ୍ତଟିର ଆବିଷ୍କାର ହୋଇ ପାରି ନଥାନ୍ତା, ତେବେ ସେଇଟି ଜାଣି ନାହିଁ ବୋଲି ମନୁଷ୍ୟ ଜାତିର କୌଣସି କ୍ଷତି ହୋଇ ନଥାନ୍ତା । ସେହି ଦିନଟି ସନ୍ନିକଟ ହୋଇ ଆସୁଥିବାର ମୁଁ ସ୍ପଷ୍ଟ ଦେଖିପାରୁଛି, ଯେତେବେଳେ କି ପାଶ୍ଚାତ୍ୟ ଜଗତର ସଜୋଟ ବୈଜ୍ଞାନିକ ମନ୍ତ୍ରୀ ଜ୍ଞାନ-ଅନୁଧାବନର ଆଧୁନିକ ପ୍ରଣାଳୀଗୁଡ଼ିକ ଉପରେ କେତେ କେତେ ପ୍ରତିବନ୍ଧକ ନେଇ ରଖିବାକୁ ଅବଶ୍ୟ ଇଚ୍ଛା କରିବ ।

ଭବିଷ୍ୟତରେ ଯେତେ ହିସାବ ନିଆଯିବ, ତାହା କେବଳ, ଏହି ମନୁଷ୍ୟ ପରିବାରଟିର ନୁହେଁ, ମାତ୍ର ଜୀବମାତ୍ରକେ ସମସ୍ତଙ୍କର କଥା ବିଚାରକୁ ନେବ ଏବଂ, ହିନ୍ଦୁମାନେ ସେମାନଙ୍କ ମଧ୍ୟରେ ରହିଥିବା ଏକ-ପଞ୍ଚମାଂଶର ଅବମାନନା କରି ତଥାପି ତିଷ୍ଠି ରହିବେ ବୋଲି ଭାବିବାକୁ ଆମେ ଯେପରି କ୍ରମଶଃ ଅଥଚ ସ୍ପଷ୍ଟଭାବରେ ଏକ ଭୁଲ୍ ବୋଲି ଆବିଷ୍କାର କରୁଛୁ, ଅଥବା, ପ୍ରାଚ୍ୟର ଏବଂ ଆଫ୍ରିକାର ଜାତିମାନଙ୍କର ଶୋଷଣ ତଥା ଅପମାନକୁ ଅବଲମ୍ବନ କରି ପାଶ୍ଚାତ୍ୟ ଜଗତ ମଧ କଦାପି ଉପରକୁ ଉଠିପାରିବ ନାହିଁ ଓ ଏପରିକି ତିଷ୍ଠି ପାରିବ ନାହିଁ ବୋଲି ଯେପରି ଆମର ହୃଦ୍‌ବୋଧ ହେଲାଣି, ସେହିପରି, ଯଥାର୍ଥ ସମୟଟି ଆସିଲେ ଆମେ ଅବଶ୍ୟ ଉପଲବ୍ଧି କରି ପାରିବା ଯେ, ସୃଷ୍ଟିର ନିମ୍ନତର ଜୀବମାନଙ୍କୁ ସଂହାର କରିବାପାଇଁ ନୁହେଁ, ମାତ୍ର ସମାନଭାବରେ ଆମ ସହିତ ସେମାନଙ୍କର ଉପକାର ନିମନ୍ତେ ହିଁ ସେମାନଙ୍କ ଉପରେ ଆମର ଏହି ଆଧିପତ୍ୟ ରହିଛି । କାରଣ, ମୋ' ନିଜର ଏକ ଆତ୍ମା ରହିଛି ବୋଲି ମୁଁ ଯେତିକି ସୁନିଶ୍ଚିତ, ସେହି ପ୍ରାଣୀମାନଙ୍କର ମଧ ସେହିଭଳି ଆତ୍ମା ରହିଛି ବୋଲି ମୁଁ ଠିକ୍ ସେହି ପରିମାଣରେ ସୁନିଶ୍ଚିତ ।

ସଭ୍ୟତା ଯହୁଁ ଯହୁଁ ଅଧିକ ଅଗ୍ରଗତି କରୁଛି, ପଶୁ ଉପରେ ମନୁଷ୍ୟର ଆଧିପତ୍ୟ ତହୁଁ ତହୁଁ ଅଧିକ ହେଉଛି ଏବଂ ତା' ସହିତ ସେମାନଙ୍କୁ କାମରେ ଲଗାଇବାର ଅଧିକରୁ ଅଧିକ ସଦୟ ପ୍ରଣାଳୀମାନ ମଧ ଉଦ୍‌ଭାବିତ ହେଉଛି । ମାନବିକତାବାଦୀ ତିନି ପ୍ରକାରର ରହିଛନ୍ତି । ଗୋଟିଏ ପ୍ରକାର ପଶୁଶକ୍ତି ବଦଳରେ ଆଉ ଯେକୌଣସି ଶକ୍ତିର ବ୍ୟବହାରରେ ବିଶ୍ୱାସ କରୁଛି । ଦ୍ୱିତୀୟ ପ୍ରକାରଟି ପ୍ରାଣୀମାନଙ୍କୁ ସହଚାରୀ ସଭାଭଳି ବ୍ୟବହାର କରିବାକୁ ଓ କେବଳ ଏକ ଭାଇର ଭାବନା ଯେତିକି ପାଇଁ ଅନୁମତି ଦେବ, ସେମାନଙ୍କୁ ସେତିକି ଓ ସେହିପରି କାମରେ ଲଗାଯିବା ଉଚିତ ବୋଲି ମତ ଦେଉଛି । ତୃତୀୟ ପକ୍ଷଟି, ମନୁଷ୍ୟର ସ୍ୱାର୍ଥପ୍ରଣୋଦିତ ଉଦ୍ଦେଶ୍ୟଗୁଡ଼ିକର ସିଦ୍ଧି ନିମନ୍ତେ ନିମ୍ନତର ପ୍ରାଣୀମାନଙ୍କୁ ଆଦୌ ବ୍ୟବହାର କରିବନାହିଁ ଏବଂ ତା' ବଦଳରେ ନିଜର ଶକ୍ତି ତଥା ଅନ୍ୟ ମନୁଷ୍ୟମାନେ ବୁଦ୍ଧିଯୁକ୍ତ ଓ ସମ୍ମତଭାବରେ ଯେତିକି ପାଇଁ ଅନୁମତି ଦେବେ, ସେତିକିଯାଏ ସେମାନଙ୍କର ଶକ୍ତିକୁ ବ୍ୟବହାର କରିବା ଲାଗି ମତ ଦେଉଛି । ମୁଁ ହେଉଛି ଏହି ତୃତୀୟ ଶ୍ରେଣୀର ଅନ୍ତର୍ଭୁକ୍ତ ।

# ମୂତ୍ରାଶୟ ସଂକ୍ରମଣରୁ ରକ୍ଷା କରିବ ଡାଳିମ୍ବ



ୟୁରିନାରୀ ଟ୍ରାକ୍ଟ ଇନଫେକସନ ବା ମୂତ୍ରମାର୍ଗ ସଂକ୍ରମଣ ବିଶେଷକରି ମହିଳାଙ୍କ ଠାରେ ଦେଖା ଯାଉଥିବା ଏକ ପ୍ରକାର ରୋଗ । ଏକ ଅନୁମାନ ଅନୁସାରେ ପ୍ରାୟ ୪୦ ପ୍ରତିଶତ ମହିଳା ଜୀବନରେ କେବେ ନା କେବେ ଏହି ରୋଗର ସମ୍ମୁଖୀନ ହୋଇଥାନ୍ତି । ମୂତ୍ର ମାର୍ଗ ସଂକ୍ରମଣରେ ଜୀବାଣୁ ମୂତ୍ର ମାର୍ଗର ଯେ କୌଣସି ସ୍ଥାନକୁ ପ୍ରଭାବିତ କରିପାରେ । ୟୁଟିଆଇ ଦ୍ୱାରା ଗ୍ରସିତ ହେବା ପରେ ମୂତ୍ରରେ ଜୀବାଣୁଙ୍କ ସଂଖ୍ୟା ବଢ଼ିବାରେ ଲାଗେ । ଯେତେବେଳେ ଏହି ସଂଖ୍ୟା ବଢ଼ିବାରେ ଲାଗେ, ସେତେବେଳେ ପୀଡିତ ବ୍ୟକ୍ତିକୁ ଅସ୍ତବ୍ୟସ୍ତ କରି ପକାଏ । ଏ ସମୟରେ ତରଳ ପଦାର୍ଥ ହିଁ ଔଷଧି ଭାବେ କାମ କରେ ।

**ସଂକ୍ରମଣରୁ ରକ୍ଷା ପାଇଁ ଡାଳିମ୍ବ:** ଡାଳିମ୍ବରେ ପ୍ରଚୁର ଔଷଧୀୟ ଗୁଣ ଭରପୁର ରହିଛି । ଗୋଟିଏ ଡାଳିମ୍ବରେ ଶହେ ରୋଗର ଚିକିତ୍ସା ସମ୍ଭବ ବୋଲି ମଧ କୁହାଯାଏ । ଭିଟାମିନ୍ ସବୁଠୁ ଉତ୍ତମ ସ୍ରୋତ ହେଉଛି ଡାଳିମ୍ବ । ଏଥିରେ ଭିଟାମିନ୍ ଏ, ସି ଏବଂ ଇ ସାଙ୍ଗକୁ ଫଲିକ୍ ଏସିଡ୍ ମଧ ରହିଥାଏ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟି ଭାଇରାଲ ବିଶେଷତା ଦେଖିବାକୁ ମିଳିଥାଏ । ଏଥିରେ ମିଳୁଥିବା ଭିଟାମିନ୍ ସି ଏବଂ ଅନ୍ୟ ଆଣ୍ଟି ଅକ୍ସିଡାଣ୍ଟ ସଂକ୍ରମଣରୁ ରକ୍ଷାକରେ । ଏହି ଆଣ୍ଟିଅକ୍ସିଡାଣ୍ଟ ମୂତ୍ରମାର୍ଗରେ ପ୍ରବେଶ କରୁଥିବା ଜୀବାଣୁକୁ ରୋକିବାରେ ସହାୟକ ହୋଇଥାଏ । ଭିଟାମିନ୍ ସି, ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୁତ କରିଥାଏ । ଏହି ସଂକ୍ରମଣରୁ ରକ୍ଷା କରିବାକୁ ଭିଟାମିନ୍ ସି' ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହାଛଡ଼ା ଡାଳିମ୍ବ ପରିବର୍ତ୍ତିତ ହର୍ମୋନର ପ୍ରଭାବକୁ କମ୍ କରିଦିଏ, ଯାହା ୟୁଟିଆଇ ପାଇଁ ଦାୟୀ ବୋଲି କୁହାଯାଏ ।

**କିପରି କରିବେ ସେବନ:** ଯଦି ସଂକ୍ରମଣ କମ୍ ଥାଏ, ତେବେ ଡାଳିମ୍ବ ଦାନାକୁ ଦିନକୁ ଥରେ ଗୋଟେ କପ୍ ପରିମାଣରେ ଖାଇପାରିବେ । ଯଦି ଅଧିକ ହୋଇଥାଏ, ତେବେ ଦିନକୁ ଦୁଇ କିମ୍ବା ତିନି ଥର ସେବନ କରିବେ । ଚାହିଁଲେ ରାତିରେ ଖାଦ୍ୟ ଗ୍ରହଣ କରିବା ପରେ ମଧ ଏହାକୁ ଖାଇପାରିବେ ।

**ଅନ୍ୟ ପ୍ରାକୃତିକ ଉପାୟ :** ଡାଳିମ୍ବ ବ୍ୟତୀତ ଅନ୍ୟ କିଛି ପ୍ରାକୃତିକ ଉପାୟ ରହିଛି, ଯାହା ଏହି ସଂକ୍ରମଣରୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ । ଲେମ୍ବୁରେ ଥିବା ଭିଟାମିନ୍ ସି' ଏବଂ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ସଂକ୍ରମଣ ରୋକିବାରେ ବେଶ୍ ଫଳପ୍ରଦ ହୋଇଥାଏ । ଲେମ୍ବୁ ରସ ମୂତ୍ରାଶୟରେ ବ୍ୟାକ୍ଟେରିଆ ରୋକିବାରେ ମଧ ସାହାଯ୍ୟ କରିଥାଏ ।

# ଗୁଡ଼ ଖାଇଲେ ୭ ଦିନରେ ଲାଭ ମିଳିବ



ଭାରତର ବିଭିନ୍ନ ପ୍ରାନ୍ତରେ ଶୀତଦିନେ ଲୋକେ ଗୁଡ଼ର ଉପଯୋଗ ଅଧିକ କରୁଥିବାର ଦେଖାଯାଏ । ତେବେ ବିଶେଷଜ୍ଞଙ୍କ ମତରେ ପ୍ରତ୍ୟେକ ଋତୁରେ ଗୁଡ଼ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଆୟୁର୍ବେଦ ଅନୁସାରେ ସୁସ୍ଥ ରହିବା ନିମନ୍ତେ ଦୈନିକ ୨୦ ଗ୍ରାମ ଗୁଡ଼ସେବନ କରିବା ଉଚିତ । ଏକ ପରୀକ୍ଷା ଅନୁସାରେ ନିୟମିତ ଭାବେ ୭ ଦିନ ଭୋଜନ ପରେ ଗୁଡ଼ ଖାଇଲେ ହିଁ ଏହାର ଉତ୍ତମ ପ୍ରଭାବ ଶରୀରରେ ଆରମ୍ଭ ହୋଇଥାଏ ।

ଭଲ ଭାବରେ ଜାଣି ରଖିବା ଉଚିତ ଯେ ଚିନି ଖାଇଲେ ଶରୀରରେ ଅମ୍ଳ ବୃଦ୍ଧି ହେବା ସହ ଏସିଡିଟି ରୋଗ ବଢ଼େ । ହେଲେ ଗୁଡ଼ ଖାଇବା ଦ୍ୱାରା ଶରୀରରୁ ଅମ୍ଳ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଥାଏ ।

୧ ସପ୍ତାହ ପର୍ଯ୍ୟନ୍ତ ଭୋଜନ ପରେ ଗୁଡ଼ ଖାଇଲେ ତ୍ୱଚାରେ ବିଶେଷ ଚମକ ଆସିଥାଏ । ଯୁବତୀ ଓ ମହିଳାମାନେ ଏହା ଖାଇ ନିଜେ ପରୀକ୍ଷା କରିପାରିବେ ।

ଗୁଡ଼ରେ ଥିବା କ୍ୟାଲସିୟମ୍ ଓ ଫସଫରସ ହାଡ଼କୁ ମଜବୁତ କରିଥାଏ ।

ଦୁର୍ବଳ ଲାଗୁଥିଲେ ୧ ଚାମଚ ଗୁଡ଼ ଭୋଜନ ପରେ ଖାଆନ୍ତୁ । ୨-୩ ଦିନ ମଧ୍ୟରେ ଏହାର ପ୍ରଭାବ ଜାଣି ପାରିବେ । ଗୁଡ଼ ଏକ ଶକ୍ତିବର୍ଦ୍ଧକ ଖାଦ୍ୟ ।

ମାଇଗ୍ରେନ୍ ରୋଗୀ କିମ୍ବା ମୁଣ୍ଡ ନିୟମିତ ଭାବେ ବିନ୍ଧୁଥିଲେ, ଗୁଡ଼ ଖାଇଲେ ଏହାର ଭଲ ପ୍ରଭାବ ପଡ଼ିଥାଏ ।

# ବହୁ ଦରକାରୀ ଭୃଷଙ୍ଗ ପତ୍ର



ଆୟୁର୍ବେଦ ଅନୁସାରେ ଭୃଷଙ୍ଗ ପତ୍ରରେ ଥିବା ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଲିଭରକୁ ସୁସ୍ଥ ରଖେ ଏହି ପତ୍ର । ଜେନେରାଲ ଅଫ୍ ପ୍ଲାଣ୍ଟ ଫୁଡସ ଫର ନ୍ୟୁଟିସନ ଏକ ଅଧ୍ୟୟନ ଅନୁସାରେ ଭୃଷଙ୍ଗ ପତ୍ର ବ୍ଲଡ ସୁଗାର ସ୍ତର କମ୍ କରିଥାଏ । ନିୟମିତ ଖାଇଲେ ଓଜନ କମିଯାଏ ।

ଭୃଷଙ୍ଗ ପତ୍ରରେ ଭରପୁର ମାତ୍ରାରେ ଆଇରନ ଓ ଫଲିକ୍ ଏସିଡ୍ ରହିଛି । ଏହା ଆନେମିଆ ଦୂର କରେ । ଏଥିରେ ଗଚ୍ଛିତ ଭିଟାମିନ୍ 'ଏ' ଓ 'ସି' ଲିଭର ପାଇଁ ଭଲ ।

ଭୃଷଙ୍ଗ ପତ୍ର ଖାଇଲେ ଓଜନ ନିୟନ୍ତ୍ରଣରେ ରହେ । ଏହା କୋଷ୍ଠକାଠିନ୍ୟରୁ ବି ମୁକ୍ତି ଦିଏ ।

ଏହା ହୃଦରୋଗ ହେବାକୁ ଦିଏ ନାହିଁ । କୋଲେଷ୍ଟ୍ରୋଲ ସ୍ତରକୁ ମଧ ନିୟନ୍ତ୍ରିତ କରେ ।

ଏଥିରେ ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟି ଭାଇରାଲ ଓ ଆଣ୍ଟି ଏଜିଂ ତତ୍ତ୍ୱ ରହିଥିବାରୁ ଭୃଷଙ୍ଗ ପତ୍ର ତ୍ୱଚା ସଂକ୍ରମଣ ସମସ୍ୟା ଦୂର କରେ ।

# ଶରୀର ପାଇଁ ବହୁ ଲାଭକାରୀ ଗାଜର



ଗାଜର ଭିଟାମିନରେ ଭରପୁର ଏକ ପରିବା । ସାଲାଡ୍ ହେଉ ବା ତରକାରୀ ଗାଜରର ଆଦର ରହିଛି । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଗାଜର ନିୟମିତ ଖାଇବା ଦରକାର । ଏହାର ରସ ପିଇବା ଦ୍ୱାରା ରକ୍ତ ପରିଷ୍କାର ହୋଇଥାଏ । ପୁରୁଷର ଶୁକ୍ରାଣୁଜନିତ ସମସ୍ୟାକୁ ଏହା ଦୂର କରେ । ସେହିପରି ମହିଳାମାନଙ୍କ ମାସିକ ଧର୍ମରେ କୌଣସି ସମସ୍ୟା ଥିଲେ ଗାଜର ମଞ୍ଜି ସହିତ ଗୁଡ଼ ମିଶାଇ ଖାଇବା ଦ୍ୱାରା ଋତୁ ଅନିୟମିତତା ଦୂର ହୁଏ । ପାଚନ ସମ୍ବନ୍ଧୀୟ ସମସ୍ୟା ଥିଲେ ଦିନକୁ ଦୁଇଟି ଲାଲ୍ ଗାଜର ଖାଆନ୍ତୁ । ଗ୍ୟାସଟ୍ରିକ୍ ସମସ୍ୟା ଥିଲେ ଦିନକୁ ଦୁଇ ତିନିଥର ଗାଜର ଖାଇବା ଦରକାର । ଏହା ଶରୀରରୁ କ୍ଷତିକାରକ କୋଲେଷ୍ଟରଲର ମାତ୍ରାକୁ କମାଇଥାଏ । ରାତ୍ରିଭୋଜନ ପରେ ପୁରୁଷମାନେ ଏକ ଗ୍ଲାସ ଗାଜର ଜୁସ୍ ପିଇବା ଲାଭଦାୟକ । ମୁହଁରୁ ଦୁର୍ଗନ୍ଧ ଆସୁଥିଲେ ଗାଜର ଖାଆନ୍ତୁ । ଏହା ହାଡ଼କୁ ମଧ ମଜଭୁତ କରିଥାଏ । ଆଣ୍ଠୁଗଣ୍ଠି ସମସ୍ୟା ଥିଲେ ଦୈନିକ ଏହା ଖାଆନ୍ତୁ । ମଧୁମେହ ରୋଗୀମାନେ ଏହାର ରସ ପିଅନ୍ତୁ । ଗାଜରରେ ଥିବା ଫାଇବର୍ କୋଷ୍ଠକାଠିନ୍ୟରୁ ଦୂରେଇ ରଖେ । ପେଟ ପରିଷ୍କାର କରେ । ଗାଜରରେ ଥିବା ପଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରିତ କରିଥାଏ ।

ଆଖିକୁ ସୁସ୍ଥ ରଖିବା ତଥା ଦୃଷ୍ଟିଶକ୍ତି ବୃଦ୍ଧି ପାଇଁ ଏହାର ବେଶ୍ ଆବଶ୍ୟକତା ରହିଛି । କାରଣ ଏଥିରେ ଭିଟାମିନ୍ ଏ ପ୍ରଚୁର ମାତ୍ରାରେ ରହିଛି । ଏଥିରେ ଥିବା ବିଟାକେରୋଟିନ୍ ଆଖିକୁ ସୁସ୍ଥ ରଖିଥାଏ । ଏହି ବିଟାକେରୋଟିନ୍ ଲିଭରକୁ ଯାଇ ସେଠି ଭିଟାମିନ୍ ଏ'ରେ ପରିବର୍ତ୍ତିତ ହୋଇଥାଏ । ଅନ୍ଧାରକଣା ପରି ରୋଗଠୁ ଏହା ଦୂରେଇ ରଖେ । ନିୟମିତ ଏହାର ରସ ସେବନ ଦ୍ୱାରା ଆଖି ସୁସ୍ଥ ରହେ ।

ଏହା ଆଣ୍ଟି ଏଜିଙ୍ଗ୍‌ର କାମ କରିଥାଏ । ଏଥିରୁ ମିଳୁଥିବା ବିଟାକେରୋଟିନ୍ ଆଣ୍ଟିଅକ୍ସିଡାଣ୍ଟ ଆମ ଶରୀରର କୋଷକୁ ସୁରକ୍ଷା ଦେଇଥାଏ । ଏହାଦ୍ୱାରା ଶରୀର ସତେଜ ରହେ । ତ୍ୱଚାରେ ଭାଙ୍ଗପଡେ ନାହିଁ । ଏହା ସୂର୍ଯ୍ୟ କିରଣରୁ ତ୍ୱଚାକୁ ରକ୍ଷା କରିଥାଏ । ତ୍ୱଚାରେ ଚମକ ଆସେ । ଶରୀରରେ ଭିଟାମିନ୍ 'ଏ' କମ୍ ହେଲେ କେଶ, ନଖ ଓ ତ୍ୱଚା ଶୁଷ୍କ ହୋଇଯାଏ । ତେଣୁ ଗାଜର ଖାଇବା ଦରକାର ।

ଏହାର ପତ୍ର ମଧ ବେଶ୍ ଉପକାରୀ । ଗାଜର ପତ୍ରର ଉଭୟ ପାର୍ଶ୍ୱରେ ଘିଅ ଲଗାଇ ତାକୁ ଗରମ କରନ୍ତୁ । ଏଥିରୁ ରସ ବାହାର କରି ଦୁଇ ତିନି ବୁନ୍ଦା ନାକରେ ପକାଇବା ଦ୍ୱାରା ଅଧକପାଳୀ ଯନ୍ତ୍ରଣା ଦୂର ହୋଇଥାଏ ।

# ସୌନ୍ଦର୍ଯ୍ୟରେ ଭରପୁର କଦଳୀ



ପ୍ରଦୂଷଣର ପ୍ରଭାବରେ ସବୁଠୁ ଅଧିକ ଶରୀରର ତ୍ୱଚା ପ୍ରଭାବିତ ହେଉଛି । ସେଥିପାଇଁ ନିୟମିତ ଭାବେ ଯୁବତୀ ଓ ମହିଳାମାନେ ସୌନ୍ଦର୍ଯ୍ୟ ଚର୍ଚ୍ଚା କରିବା ଜରୁରୀ । ବିଭିନ୍ନ ପ୍ରକାର କସମେଟିକ୍ ବ୍ୟବହାର କରିବା ପରିବର୍ତ୍ତେ ଘରୋଇ ଉପାୟକୁ ଆପଣେଇବା ଉତ୍ତମ । ଏହା ଦ୍ୱାରା କମ୍ ଖର୍ଚ୍ଚ ହେବା ସହ ତ୍ୱଚା କ୍ଷତିଗ୍ରସ୍ତ ହୁଏନାହିଁ । ପାଚିଲା କଦଳୀର ପ୍ରୟୋଗ ତ୍ୱଚାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ ।

୧ ଚାମଚ ମହୁରେ ଗୋଟିଏ କଦଳୀକୁ ଭଲଭାବେ ଚକଟି ମୁହଁ, ହାତ ଓ ବେକରେ ଲଗାଇ ୨୦ ମିନିଟ୍ ପରେ ନଖ ଉଷୁମ ପାଣିରେ ଧୋଇନିଅନ୍ତୁ । ବାହାରୁ କାମ ସାରି ଫେରିବା ପରେ ପ୍ରତ୍ୟେକଦିନ ତ୍ୱଚା ସଫା ପାଇଁ ଏହି ନିୟମ ଆପଣାନ୍ତୁ ।

ତ୍ୱଚାରେ ଚମକ ଆଣିବା ନିମନ୍ତେ ୨ ଚାମଚ ଲେମ୍ବୁରସରେ କଦଳୀ ଚକଟି ମୁହଁରେ ଲଗାନ୍ତୁ । ୩୦ ମିନିଟ୍ ପରେ ମୁହଁ ଧୋଇବା ପରେ ତ୍ୱଚାର ଔଜ୍ଜ୍ୱଲ୍ୟ ଲକ୍ଷ୍ୟ କରିହେବ ।

କଦଳୀ ଓ ଚିନିକୁ ମିଶାଇ ମୁହଁରେ ଘଷିଲେ ଏହା ସ୍କ୍ରବ୍ ପରି କାମ କରିଥାଏ ।

ଆଖି ତଳ ଦାଗ ପଡିଲେ କଦଳୀ ଚକଟି ସେଥିରେ ୧ ଚାମଚ ଗୋଲାପ ଜଳ ମିଶାନ୍ତୁ । ଆଖି ଉପରେ ଛୋଟ ଧଳା କପଡ଼ା ରଖି ଏହି ମିଶ୍ରଣକୁ ରଖନ୍ତୁ । ୩୦ ମିନିଟ୍ ପରେ ତାହାକୁ ବାହାର କରି ଆଖି ଧୋଇ ନିଅନ୍ତୁ । ୧ ସପ୍ତାହ ଏପରି କଲେ ଆଖିତଳ ଦାଗ କମ୍ ହୋଇଥାଏ ।

କଦଳୀକୁ କଞ୍ଚା କ୍ଷୀର ସହ ମିଶାଇ ତ୍ୱଚାରେ ଲଗାଇଲେ ଦାଗ ଦୂର ହୋଇଥାଏ ।

# ବାସି ଭାତ ଖାଇବାର ଆବଶ୍ୟକତା

ବାସି ଭାତରେ ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ ଥିବାରୁ ତାହା ଆମ ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବଢ଼ାଇଥାଏ ।

ସପ୍ତାହକୁ ଅତିକମ୍‌ରେ ୩ଦିନ ବାସି ଭାତ ଖାଇଲେ ଅନ୍ତ୍ରପରି ରୋଗରୁ ମୁକ୍ତି ମିଳିବାର ସମ୍ଭାବନା ରହିଥିବାର ଗବେଷକଙ୍କ ମତ । ପ୍ରାୟତଃ ବାସି ଭାତକୁ ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରି କିମ୍ବା ସଜ ଭାତରେ ମିଶାଇ ଖାଉଥିବା ଲୋକଙ୍କ ତ୍ୱଚାରେ ଚମକ ଆସିଥାଏ । ବାସି ଭାତରେ ଆଇରନ୍, ପୋଟାସିୟମ୍, କ୍ୟାଲସିୟମ୍‌ର ପରିମାଣ ଅଧିକ ଥାଏ । ବିଶେଷଜ୍ଞଙ୍କ ମତରେ ନିୟମିତ ଏହା ଖାଇଲେ ଶରୀରର ମେଦ ବୃଦ୍ଧି ହୋଇ ନ ଥାଏ ଓ ଜଣେ ଲୋକ ସୁସ୍ଥ ମଧ ରହେ । ବାସି ଭାତ ଖାଉଥିବା ଲୋକଙ୍କୁ ପେଟରୋଗ ସହଜରେ ହୋଇନଥାଏ ।



## ସ୍ୱର୍ବେଦ

**ଯୋଗ ବିହଙ୍ଗ ୱିଧାନ ସେ, ମନ**
**ନିଜ କାରଣ ଲୀନ ।**
**ଅକ୍ଷର କୀ ଉପଲବ୍ଧି ମେଁ, ମନ କର**
**ରୂପ ନ ଭୀନ ॥୩୧॥**

ଭାଷ୍ୟ - ମନର ମୂଳ ଭୂମି ଅକ୍ଷର ଅଟେ । ବିହଙ୍ଗମ ଯୋଗର ସାଧନ-ଯୁକ୍ତିରେ ଯେତେବେଳେ ଅକ୍ଷର ପ୍ରକାଶ ପ୍ରାପ୍ତ ହୁଏ, ସେତେବେଳେ ମନ ନିଜର ବାହ୍ୟ କ୍ରିୟାକୁ ବନ୍ଦକରି ନିଜର ମୂଳ କାରଣରେ ଲୀନ ହୋଇଯାଏ । ଅକ୍ଷର ପ୍ରାପ୍ତି ହେବା ପରେ ମନର ସମସ୍ତ ଦୁର୍ବ୍ୟବହାର ଏବଂ ଉପଦ୍ରବ ବନ୍ଦ ହୋଇଯାଏ ଆଉ ଯୋଗୀ ମନସ୍ୱୀ ହୋଇ ସ୍ୱତନ୍ତ୍ର ଭାବରେ ନିଜର ମନ ଆଉ ଇନ୍ଦ୍ରିୟମାନଙ୍କ ଦ୍ୱାରା କାର୍ଯ୍ୟ କରିଥାଏ । ଏହା ସହଜ ଯୋଗର ମହିମା ଅଟେ ।

**କାରଣ ମେଁ କାରଜ ମିଲେ, ଛୁଟେ**
**ଜଗତ ବ୍ୟୱପାର ।**
**ଆତ୍ମ ଶୁଦ୍ଧ ସ୍ୱଚ୍ଛନ୍ଦ ହୈ, ନିଜ ଗତି**
**ୱିମଲ ସଂହାର ॥୩୨॥**

ଭାଷ୍ୟ - ମନ ଦ୍ୱାରା ହିଁ ସଂସାରର ବ୍ୟବହାର ଚାଲିଥାଏ । ଯେତେବେଳେ ଆତ୍ମା ଏବଂ ମନର ସମ୍ବନ୍ଧ ସ୍ଥାପିତ ହୁଏ ସେତେବେଳେ ମନ ଦ୍ୱାରା ଇନ୍ଦ୍ରିୟମାନଙ୍କର ବ୍ୟବହାରରେ ସମସ୍ତ ଜଗତର କର୍ମ ବ୍ୟବହାର ଚାଲେ । ମନ ହିଁ ମାୟା ଅଟେ । ମାୟା ପ୍ରପଞ୍ଚ ପ୍ରାପ୍ତିର ଏହା ହିଁ ମୂଳ କାରଣ । ଯେତେବେଳେ ମନ ନିଜ କାରଣରେ ବିଲୀନ ହୋଇଯାଏ, ସେତେବେଳେ ମନର ଅଭାବରେ ଜଗତର ମାୟା ବ୍ୟବହାର ସମ୍ବନ୍ଧ ଛାଡ଼ିଯାଏ ଅର୍ଥାତ୍ ସେହି ଯୋଗୀ ସଂସାରର ସମସ୍ତ ମାୟାକୁ ତ୍ୟାଗ କରିଦିଏ । ଯେତେବେଳ ପର୍ଯ୍ୟନ୍ତ ଆତ୍ମା ଆଉ ମନର ସମ୍ବନ୍ଧ ଅଛି, ସେତେବେଳେ ପର୍ଯ୍ୟନ୍ତ ମାୟାର ବ୍ୟବହାର ଅଛି ଆଉ ଯେତେବେଳେ ମନର ତ୍ୟାଗ ଅଛି, ସମସ୍ତ ଜଗତ, ମାୟାର ତ୍ୟାଗ ଅଟେ । ଯେତେବେଳେ ମନ ନିଜ କାରଣରେ ଲୀନ ହୋଇଯାଏ, ସେତେବେଳେ ଜଗତର ମାୟା ଛାଡ଼ି ଯିବା ଫଳରେ ଯୋଗୀ ନିଜ ଶୁଦ୍ଧ ଆତ୍ମସ୍ୱରୂପରେ ବିରାଜମାନ ହୋଇଯାଏ ଆଉ ନିଜର ସ୍ୱତନ୍ତ୍ର ଗତିରେ ସମସ୍ତ କାର୍ଯ୍ୟ କରିଥାଏ । ଆତ୍ମ ପ୍ରକାଶକୁ ଆସିବା ପରେ ହିଁ ନିଜ ପବିତ୍ର ଗତିରେ ସମସ୍ତ ଦେହସଂଘାତରୁ ନିଜ ଶକ୍ତିକୁ ରୋଧକରି ଚେତନ ଆସନରେ ମହାପ୍ରଭୁଙ୍କର ଭକ୍ତିରେ ଅଗ୍ରସର ହୁଏ । ଆତ୍ମା ଠାରୁ ବ୍ରହ୍ମ ସୂକ୍ଷ୍ମ ବସ୍ତୁ ଅଟେ । ଆତ୍ମା ନିଜ ଶୁଦ୍ଧ ସ୍ୱରୂପକୁ ଆସିବା ପରେ ହିଁ ଚେତନ ଭକ୍ତି ପ୍ରାରମ୍ଭ ହୋଇଥାଏ । ମନରୁ କର୍ମ ହୋଇଥାଏ, ଭକ୍ତି ନୁହେଁ । ସୁତରାଂ ଭକ୍ତି ଆତ୍ମ ଚେତନ ସ୍ୱରୂପରୁ ହୋଇଥାଏ । ସେଥିପାଇଁ ଏହି ଦୋହାରେ ନିଜ ଶୁଦ୍ଧ ସ୍ୱରୂପରେ ଆସିବାକୁ ଚେତନ ଭୂମିର ଉପଦେଶ ପ୍ରଦାନ କରାଯାଇଛି । ଅର୍ଥାତ୍ ମନ ଶାନ୍ତ ଆଉ ବିଳୟ ହେବା ପରେ ହିଁ ଆତ୍ମା ନିଜ ଚେତନ ପ୍ରକାଶକୁ ଆସିଥାଏ । ଏହି ଦୋହାର ଅଭିପ୍ରାୟ ଏତାଦୃଶ ଅଟେ ।

**ପ୍ରାଣ ପ୍ରଥମହୀଁ ଲୀନ ହୈ, ପୀଛେ**
**ମନ ଭୟ ଲୀନ ।**
**ପ୍ରାଣ ଲୀନ ପଶ୍ଚାତ ଭୀ, ସୁକ୍ଷମ**
**ମନ ରହ ଝୀନ ॥୩୩॥**

ଭାଷ୍ୟ - ବିହଙ୍ଗମ ଯୋଗରେ ପ୍ରଥମେ ପ୍ରାଣ ଶାନ୍ତ ହୋଇଯିବା ପରେ ସୂକ୍ଷ୍ମ ମନ ନିଜ ସାଥୀରେ ରହିଥାଏ ଯାହା ଆଗକୁ ଯୋଗ ବିଜ୍ଞାନ ଦ୍ୱାରା ଦିବ୍ୟ ପ୍ରକାଶ ପ୍ରାପ୍ତ ହେବା ପରେ ନିର୍ମଳ ଏବଂ ଶାନ୍ତ ହୋଇଯାଏ ।




ବିହଙ୍ଗମ ଯୋଗର ଏହି ରହସ୍ୟକୁ ଅନୁଭବୀ ତଥା ଭେଦୀ ସନ୍ଥ ବୁଝିପାରିବେ । ଯୋଗୀ ହିଁ ମନର ସ୍ୱରୂପକୁ ଜାଣେ ଏବଂ ସେ ହିଁ ଯୋଗଯୁକ୍ତିରେ ତାହାକୁ ତାହାର ମୂଳ କାରଣକୁ ନେଇଯାଇ ଶାନ୍ତ ଆଉ ମନଶୂନ୍ୟ ହୋଇ ଅମୃତ ପରମାନନ୍ଦକୁ ପ୍ରାପ୍ତ କରେ ।

**ଆଗେ ବଢ଼ ୱିଜ୍ଞାନ ମେଁ, ମନ ଭୀ**
**ଭୟ ନିର୍ମୂଲ ।**
**ଅମନ ସନ୍ତ ଶାନ୍ତୀ ମିଲେ, ଗୟେ**
**ଜଗତ ଭୟ ଶୂଳ ॥୩୪॥**

ଭାଷ୍ୟ - ଯୋଗ ବିଜ୍ଞାନରେ ଆଗକୁ ବଢ଼ିବା ପରେ ମନ ମଧ୍ୟ ନିର୍ମୂଳ ହୋଇଥାଏ ଏବଂ ଅମନ ଯୋଗୀ ସହଜ ଶାନ୍ତିକୁ ପ୍ରାପ୍ତ ହୋଇ ନିଜ ଆତ୍ମ ସ୍ୱରୂପରେ ପରଂବ୍ରହ୍ମ ପ୍ରାପ୍ତିର ପ୍ରୟତ୍ନ କରିଥାଏ । ବିଜ୍ଞାନର ଉଦୟ ହେବା ପରେ ମନ ଶାନ୍ତ ଏବଂ ନିର୍ମୂଳ ହେବା ଫଳରେ ସମସ୍ତ ଜଗତର ଭୟ ଏବଂ କଷ୍ଟ ଦୂର ହୋଇଯାଏ । ବିଜ୍ଞାନ ଦ୍ୱାରା ହିଁ ଆତ୍ମାର ସାକ୍ଷାତ୍କାର ତଥା ପରମ ପ୍ରଭୁଙ୍କର ପ୍ରାପ୍ତି, ତ୍ରିତାପ ଦୁଃଖର ନିବୃତ୍ତି ଏବଂ ପରମାନନ୍ଦଙ୍କର ଉପଲବ୍ଧି ହୋଇଥାଏ ।

**ପ୍ରଥମ ଅୱସ୍ଥା ଯୋଗ କୀ, ମନ ୱ**
**ପ୍ରାଣ ଏକ ସାଥ ।**
**ପ୍ରାଣ ଲୀନ ମନ ଲୀନ ହୈ, ଜାଗେ**
**ସୁରତି ସନାଥ ॥୩୫॥**

ଭାଷ୍ୟ - ବିହଙ୍ଗମ ଯୋଗର ପ୍ରାରମ୍ଭରେ ମନ ଆଉ ପ୍ରାଣ ଏକ ସଂଗେ ରହିଥାନ୍ତି । ଆଗକୁ ଯାଇ ଏମାନଙ୍କର ଲୀନ ହେବା ଫଳରେ ଆତ୍ମାର ଚେତନ ସୁରତି ଜାଗୃତ ହୋଇଥାଏ ।

**ଅବ ତୋ ଚେତନ ଶୁଦ୍ଧ ହୈ,**
**ଚେତନ ସୁରତି ସମ୍ହାର ।**
**ସୁରତି ଦିବ୍ୟ ନୀରତି ବନୀ, ମିଲ**
**ସୁଖ ସିନ୍ଧୁ ଦୁୱାର ॥୩୬॥**

ଭାଷ୍ୟ - ପ୍ରାଣ ଆଉ ମନ ଶାନ୍ତ ହେବା ପରେ ଆତ୍ମା ପବିତ୍ର ହୋଇଯାଏ ଆଉ ନିଜ ଚେତନ ସୁରତିକୁ ଅବରୋଧ କରି ଗଗନ ମଣ୍ଡଳ ଆଡ଼କୁ ଅଗ୍ରସର ହେବାରେ ଲାଗେ ଏବଂ ଦିବ୍ୟ ସୁରତି ନିରତି ହୋଇ ଶବ୍ଦ ମହାମଣ୍ଡଳର ଚେତନ ଦ୍ୱାରରେ ପ୍ରବେଶ କରେ । ଅର୍ଥାତ୍ ସୁରତି ସୂକ୍ଷ୍ମ ନିରତି ହୋଇ ଶବ୍ଦ ମଣ୍ଡଳର ଦ୍ୱାରକୁ ଯାଇ ମିଶିଯାଏ । ଯୋଗୀର ଆତ୍ମ ସମର୍ପଣ ଏହି ଭୂମିରେ ହୋଇଥାଏ ।

**ସଚ୍ଚିଦାନନ୍ଦ ସ୍ୱରୂପ ହୈ, ଅନ୍ତର୍ଯ୍ୟାମୀ**
**ଦେୱ ।**
**ଯହ ଅନୁଭୱ ୱିଜ୍ଞାନ ହୈ, ପୂରଣ**
**ଧନି ଜନ ସେୱ ॥୩୭॥**

ଭାଷ୍ୟ - ସମସ୍ତଙ୍କର ଆଧାର, ପରମ ପ୍ରକାଶକ ସର୍ବାନ୍ତର୍ଯ୍ୟାମୀ, ସଚ୍ଚିଦାନନ୍ଦ, ପରମ ପ୍ରଭୁ ପୂର୍ଣ୍ଣ ଧନି ଅଟନ୍ତି । ତାଙ୍କର ଭକ୍ତି ଆଉ ଉପାସନା ଦ୍ୱାରା ଜୀବର କଲ୍ୟାଣ ହୋଇଥାଏ । ତାହା ଆତ୍ମ ସାକ୍ଷାତ୍କାର ଚେତନ ଅନୁଭବ ବିଜ୍ଞାନ ଅଟେ । ଆତ୍ମା ଦ୍ୱାରା ହିଁ ପରଂବ୍ରହ୍ମଙ୍କ ପ୍ରାପ୍ତି ହୋଇଥାଏ, ଭୌତିକ ଜଡ଼ କରଣରୁ ନୁହେଁ କାହିଁକି ନା ସେହି ପରଂବ୍ରହ୍ମ ଚେତନ ଅନୁଭବ ବିଜ୍ଞାନ ଦ୍ୱାରା ହିଁ ପ୍ରାପ୍ତ ହୋଇଥାନ୍ତି ।

**ଅକ୍ଷର ଚେତନ ଜଡ଼ ନହୀଁ, ଯହ**
**ହୈ ଅକ୍ଷୟ ନାମ ।**
**ଅକହ ଆଦି ୱାଣୀ ଯହୀ, ପ୍ରଥମ ସୃଷ୍ଟି**
**ଯହ କାମ ॥୩୮॥**

ଭାଷ୍ୟ - ଏହି ଚେତନ ଅକ୍ଷର ଅକ୍ଷୟ ନାମ ଅଟେ, ଜଡ଼ ନୁହେଁ । ଏକପାଦ ଜଗତ ଭିତରେ ଏକତାର ଅଖଣ୍ଡ ଧ୍ୱନି ହୋଇଥାଏ । ଯାହାର କେବେ କ୍ଷୟ ହୁଏନାହିଁ ତାକୁ ଅକ୍ଷୟ କୁହାଯାଏ । ସେହି ସହଜ ଧ୍ୱନି ଏକତାର ନିଜ ମଣ୍ଡଳ ଭୂମିରେ ହୋଇଥାଏ, ଯାହାକୁ ବିହଙ୍ଗମ ଯୋଗୀ ସଦୈବ ଅନୁଭବ କରିଥାନ୍ତି । ଏହି ଅବାଚ୍ୟ ନାମ, ଅକ୍ଷୟ ତତ୍ତ୍ୱ ଆଦି ବାଣୀ ଅଟେ । ସୃଷ୍ଟିରେ ଏହା ପୂର୍ବରୁ କୌଣସି ବାଣୀ ନ ଥିଲା । ଏହି ଅକ୍ଷୟ ନାମ, ଅପୂର୍ବ ଆଦି ବାଣୀ ସମସ୍ତ ବାଣୀମାନଙ୍କର ଆଧାର ଅଟେ । ସେଥିପାଇଁ ଏହାକୁ ଆଦିବାଣୀ କହନ୍ତି । ଯେତେବେଳେ ତିନିପାଦ ନିଃଶବ୍ଦର ଈକ୍ଷଣ ଯୋଗୁ ପ୍ରକୃତିର ବିସ୍ତାର ପ୍ରାରମ୍ଭ ହେବାରେ ଲାଗେ, ସେତେବେଳେ ପ୍ରକୃତିକୁ ଗତିଶୀଳ କରିବା ପାଇଁ ପ୍ରଥମେ ଏହି ବାଣୀର ଉଦ୍‌ଭବ ହୋଇଥାଏ । ସେଥିପାଇଁ ଏକପାଦ ସୃଷ୍ଟିରେ ଏହା ପ୍ରଥମ ପ୍ରକାଶ୍ୟ ଅଟେ, ଯାହା ପରେ ଗୁଣମାନଙ୍କର ତ୍ରିଘାତରୁ ପରମାଣୁମାନଙ୍କର ବିକାଶ ହେବାରେ ଲାଗେ ଏବଂ କ୍ରମଶଃ ପଞ୍ଚଭୂତ, ନବଗ୍ରହ ଏବଂ ସୃଷ୍ଟିର ସମସ୍ତ ଆବଶ୍ୟକ ପଦାର୍ଥ ଧୀରେ ଧୀରେ ପ୍ରକଟ ହେବାରେ ଲାଗନ୍ତି ଆଉ ଅକ୍ଷର ଠାରୁ ସୃଷ୍ଟିର ବିସ୍ତାର ନିମନ୍ତେ ପ୍ରଥମେ ଆକାଶ ପ୍ରକଟ ହୁଏ ।

# ସତ୍ କର୍ମ ଜୀବନ ଜୀଇଁବାର ପଥ ବଦଳେଇ ଦେଇଥାଏ

ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ହେବା ପରେ ଦିନେ ନେଲସନ ମଣ୍ଡେଲା ନିଜର ସୁରକ୍ଷା କର୍ମୀଙ୍କ ସହିତ ସହରରେ ଥିବା ଏକ ଜଳଖିଆ ଦୋକାନକୁ ଖାଇବା ପାଇଁ ଗଲେ । ସମସ୍ତେ ନିଜ ନିଜର ପସନ୍ଦ ଖାଦ୍ୟ ଅର୍ଡର କଲେ ଏବଂ ଖାଇବା ପାଇଁ ଅପେକ୍ଷା କଲେ । ସେହି ସମୟରେ ମାଣ୍ଡେଲାଙ୍କ ସିଟ୍ ସାମ୍ନାରେ ଜଣେ ବ୍ୟକ୍ତି ଖାଇବା ଅପେକ୍ଷାରେ ବସିଥାନ୍ତି । ମାଣ୍ଡେଲା ନିଜର ସୁରକ୍ଷା କର୍ମୀଙ୍କୁ କହିଲେ, ସେହି ବ୍ୟକ୍ତି ଙ୍କୁ ମଧ ଆମ ଟେବୁଲକୁ ଡ଼ାକ । ଏହିପରି ହିଁ ହେଲା । ଖାଦ୍ୟ ପରସା ହେଲା ପରେ ସମସ୍ତେ ଖାଇବାକୁ ଲାଗିଲେ । କିନ୍ତୁ ସେହି ବ୍ୟକ୍ତି ଖାଇବା ସମୟରେ ତାଙ୍କର ହାତ ବହୁତ ଥରୁଥିଲା ଦେଖିବାକୁ ମିଳିଲା । ଖାଇବା ସାରି ବ୍ୟକ୍ତି ଜଣକ ମୁଣ୍ଡ ଝୁକାଇ ରେଷ୍ଟୋରାଁ ରୁ ଚାଲିଗଲେ । ସେ ଲୋକ ଚାଲିଯିବା ପରେ ସୁରକ୍ଷା କର୍ମୀମାନେ ମାଣ୍ଡେଲା ଙ୍କୁ କହିଲେ, ବ୍ୟକ୍ତି ଜଣକ ବହୁତ ବିମାରୀ ଥିଲେ, ଯାହା ଫଳରେ ଖାଇବା ସମୟରେ ତାଙ୍କର ହାତ ଲଗାତାର କଂପି ଉଠୁଥିଲା, ଆଉ ସେ ନିଜେ ମଧ ଥରୁଥିଲେ । ମାଣ୍ଡେଲା କହିଲେ, ନାଁ ପ୍ରକୃତରେ ଏପରି ନୁହେଁ । ଏହି ବ୍ୟକ୍ତି ସେହି ଜେଲ୍‌ର ଜେଲର ଥିଲେ, ଯେଉଁଠି ମୋତେ ବନ୍ଦି କରି ରଖାଯାଇଥିଲା । ଯେତେବେଳେ ମୋତେ ପୀଡ଼ା ଯାତନା ଦିଆଯାଇଥିଲା,ଆଉ ମୁଁ ବିକଳରେ ପାଣି ମାଗୁଥିଲି, ସେତେବେଳେ ଏହି ବ୍ୟକ୍ତି ମୋ ଉପରେ ପରିସ୍ରା କରୁଥିଲା ।

ନେଲସନ ମଣ୍ଡେଲା କହିଲେ, ମୁଁ ଏବେ ରାଷ୍ଟ୍ରପତି ହୋଇଯାଇଛି, ସେ ଭାବିଲା ବୋଧହୁଏ ମୁଁ ତା' ସହିତ ସେପରି ବ୍ୟବହାର କରିବି । କିନ୍ତୁ ମୋର ଚରିତ୍ର ସେପରି ନୁହେଁ । ମୋତେ ଲାଗୁଛି, ପ୍ରତିଶୋଧ ପରାୟଣ ଭାବନାରେ କାର୍ଯ୍ୟ କଲେ ତାହା ବିନାଶ ଆଡ଼କୁ ନେଇ ଯାଇଥାଏ, କିନ୍ତୁ ସେହିଠାରେ ଧର୍ଯ୍ୟ ଏବଂ ସହିଷ୍ଣୁତାର ମାନସିକତା ଆମକୁ ବିକାଶ ଆଡ଼କୁ ନେଇ ଯାଇଥାଏ ।

ଦ୍ୱୀତୀୟ- ମୁମ୍ବାଇରୁ ବାଙ୍ଗାଲୋର ଯାଉଥିବା ଟ୍ରେନରେ ଯାତ୍ରା କରୁଥିବା ସମୟରେ ଟିସି ଟିକେଟ ଚେକ୍ କରୁଥିବା ସମୟରେ ସିଟ୍ ତଳେ ଲୁଚିରହିଥିବା ଜଣେ ୧୩/ ୧୪ ବର୍ଷର ଝିଅକୁ ଦେଖିଲେ, ଏବଂ ତାକୁ କହିଲେ-

ଟିସି - ଟିକେଟ ଦେଖାଅ ?

ଭୟରେ ଥରୁଥିବା ଝିଅ- ନାହିଁ ସାହେବ । ଟିସି- ତେବେ ଗାଡ଼ିରୁ ଓହ୍ଲେଇ ଯା... ତା'ର ଟିକେଟର ମୂଲ୍ୟ ମୁଁ ଦେଉଛି... ପଛରେ ବସିଥିବା ଜଣେ ସହଯାତ୍ରୀ ଉଷା ଭଟ୍ଟାଚାର୍ଯ୍ୟ କହିଲେ । ଯିଏ ପେଶାରେ ଜଣେ ପ୍ରଫେସର ଥିଲେ ।

ଉଷା ଦେବୀ- ତୁମେ କେଉଁଠିକୁ ଯିବ ? ସେ ଝିଅ- ଜାଣି ନାହିଁ ମାମ୍ ।

ଉଷା ଦେବୀ- ତେବେ ମୋ ସହିତ ବାଙ୍ଗାଲୋର ପର୍ଯ୍ୟନ୍ତ ଚାଲ ।

ଉଷା ଦେବୀ- ତୁମ ନାଁ କ'ଣ ?

ଝିଅ- ଚିତ୍ରା ।

ବାଙ୍ଗାଲୋର ପହଞ୍ଚିବା ପରେ ଉଷା ଦେବୀ ନିଜର ଜଣାଶୁଣା ଏକ ସ୍ୱୟଂ ସେବୀ ସଂସ୍ଥାରେ ରଖିଦେଲେ ଏବଂ ଏକ ବଡ଼ ସ୍କୁଲରେ ଆଡ଼ମିଶନ କରାଇ ଦେଲେ । ଏହା ପରେ ଉଷା ଦେବୀଙ୍କର ଦିଲ୍ଲୀ ଟ୍ରାନ୍ସଫର୍ ହୋଇ ଗଲା । ଯେଉଁଥି ପାଇଁ ଚିତ୍ରା ସହିତ ସଂପର୍କ ମଧ ଦୂରେଇ ଗଲା, କିନ୍ତୁ ମଝିରେ ମଝିରେ ଫୋନ୍‌ରେ କଥା ହୁଅନ୍ତି ।

ପାଖାପାଖି ୧୨ ବର୍ଷ ପରେ ଉଷା ଦେବୀଙ୍କୁ ଏକ ଲେକଚର୍ କାର୍ଯ୍ୟକ୍ରମରେ ଫ୍ରାନ୍ସିସ୍କୋ, ଆମେରିକା ନିମନ୍ତ୍ରଣ କରାଯାଇଥିଲା । ଲେକଚର୍ କାର୍ଯ୍ୟକ୍ରମପରେ ସେ ଯେତେବେଳେ ହୋଟେଲରେ ବିଲ୍ ପୈଠ କରିବା ପାଇଁ ରିସେପସନ୍‌କୁ ଗଲେ, ଜଣା ପଡ଼ିଲା ଯେ ପଛରେ ଠିଆ ହୋଇଥିବା ଏକ ସୁନ୍ଦର ଦମ୍ପତି ପୂର୍ବରୁ ସେ ବିଲ୍ ପୈଠ କରି ସାରିଛନ୍ତି ।

ତୁମେ ମୋର ବିଲ୍ କାହିଁକି ପୈଠ କଲ ?

ମ୍ୟାମ୍ ଏହା ବାଙ୍ଗାଲୋରରୁ ମୁମ୍ବାଇ ପର୍ଯ୍ୟନ୍ତ ଟ୍ରେନ ଟିକେଟ ସାମ୍ନାରେ କିଛି ବି ନୁହେଁ ।

ଉଷା ଦେବୀ- ଆରେ ଚିତ୍ରା...

ଚିତ୍ରା ଆଉ କେହି ନ ଥିଲା, ଯିଏ କି ଇନ୍ଫୋସିସ୍‌ର ସଂସ୍ଥାପକ ଶ୍ରୀ ନାରାୟଣ ମୂର୍ତ୍ତିଙ୍କର ଧର୍ମ ପତ୍ନୀ ।

କେବେ କେବେ ଆପଣଙ୍କ ଦ୍ୱାରା କାହାକୁ କରାଯାଇଥିବା କିଛି ସହାୟତା, କାହାର ଜୀବନ ବଦଳେଇ ଦେଇପାରେ ।

ଯଦି ଜୀବନରେ କିଛି ଅର୍ଜନ କରିବାର ଅଛି ତ ପୁଣ୍ୟ ଅର୍ଜିତ କର, କାହିଁକି ନା ଏହା ହିଁ ହେଉଛି ଏକ ମାତ୍ର ମାର୍ଗ ଯାହା ମୋକ୍ଷ ପର୍ଯ୍ୟନ୍ତ ନେଇ ଯାଇଥାଏ... ସର୍ବଦା ପ୍ରସନ୍ନ ରୁହନ୍ତୁ ଏବଂ ମନେ ରଖନ୍ତୁ- ଯାହା ପ୍ରାପ୍ତ ଅଟେ ତାହା ପର୍ଯ୍ୟାପ୍ତ ଅଟେ ।

## ତରଭୁଜର ଉପକାରିତା

**ଗ୍ରୀ**ଷ୍ମଋତୁର ସବୁଠୁ ଲୋକପ୍ରିୟ ଫଳ ତରଭୁଜ । ଏ ଋତୁରେ ଲୋକେ ଏହାକୁ ପସନ୍ଦ କରିବାର ମୁଖ୍ୟ କାରଣ ହେଉଛି ଏହା ଶରୀରରେ ଥିବା ଜଳର ଅଭାବକୁ ପୂରଣ କରେ । ଦାମ୍ ଦୃଷ୍ଟିରୁ ମଧ ତରଭୁଜ ସମସ୍ତଙ୍କୁ ସୁହାଏ । ତରଭୁଜରେ ଆଣ୍ଟି ଅକ୍ସିଡେଣ୍ଟ ମଧ ଥାଏ । ଗବେଷଣାରୁ ଜଣା ପଡିଛି ଯେ ତରଭୁଜ ଖାଇବା ଦ୍ୱାରା କର୍କଟ ରୋଗ, ହୃଦରୋଗ ଓ ମଧୁମେହ ହେବାର ଆଶଙ୍କାକୁ ଅନେକ ପରିମାଣରେ ଦୂରେଇ ଦେଇହୁଏ । ତରଭୁଜରେ ଶତକଡ଼ା ୯୨ ଜଳ ଏବଂ ଶତକଡ଼ା ୬ ଶର୍କରା ରହିବା ସହ ଭିଟାମିନ୍ ଏ, ସି ଓ ବି ୬ ଥାଏ ।



ତରଭୁଜରେ ଭିଟାମିନ୍ ସି ଏବଂ ଭିଟାମିନ୍ ଏ ବହୁ ମାତ୍ରାରେ ଥାଏ । ଭିଟାମିନ୍ ସି ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଏ । ଭିଟାମିନ୍ ଏ ଆଖିର ସ୍ୱଚ୍ଛତା ପାଇଁ ଜରୁରୀ ଅଟେ ।

ତରଭୁଜ ଓ ତା' ଭିତରେ ଥିବା ମଞ୍ଜିଗୁଡିକ ଦୁର୍ବଳ ଶରୀରକୁ ସତେଜ ରଖିଥାଏ । ତରଭୁଜ ଖାଇବା ପରେ ସେଥିରୁ ଯେଉଁ ମଞ୍ଜି ବାହାରେ ତାକୁ ଧୋଇ ଶୁଖେଇବା ପରେ ସେହି ମଞ୍ଜିକୁ ଆପଣ ଖାଇ ପାରିବେ ।

ଖାଦ୍ୟ ହଜମ ହେବା ଓ ଭୋକ ଲାଗିବାରେ ସମସ୍ୟା ଥିଲେ ତଥା ରକ୍ତର ମାତ୍ରା କମ୍ ଥିଲେ ସେଥିପାଇଁ ତରଭୁଜର ଆବଶ୍ୟକତା ରହିଛି । ବଡ଼ ତରଭୁଜରେ ଗୋଟିଏ ଛୋଟ ଛିଦ୍ର କରି ଏକ ଗ୍ରାମ୍ ଚିନି ଭରି ଦିଅନ୍ତୁ । ପାଣି ସେହି ତରଭୁଜକୁ ଖରାରେ ଅଥବା ରାତିରେ ଚନ୍ଦ୍ର କିରଣରେ ରଖନ୍ତୁ । ଏହାପରେ ଭିତରେ ଥିବା ପାଣିକୁ କାଢ଼ି ଛାଣି ଦିଅନ୍ତୁ । ଛଣା ହୋଇଥିବା ପାଣିକୁ ସଫା କାଚ ବୋତଲରେ ଭରି ଦିଅନ୍ତୁ । ସେହି ପାଣିକୁ ଦିନକୁ ଚାରିକପ୍ କରି ଦୁଇ ବା ତିନି ଥର ପିଇଲେ ଉପରୋକ୍ତ ଅସୁବିଧାରୁ ମୁକ୍ତି ମିଳିପାରେ ।

ତରଭୁଜ ଖାଇବା ଦ୍ୱାରା ଯଦି ଖଟା ହାକୁଟି ହେଉଛି, ତା'ହେଲେ ସେଥିରେ ସାଦା ଲୁଣ ବା କଳା ଲୁଣ ପକେଇ ଖାଇବା ଉଚିତ । ଏମିତି ଖାଇଲେ ହାକୁଟି ହେବନାହିଁ ।

ମୁହଁରେ ବ୍ରଣ କିମ୍ବା କଳା ଦାଗ ହୋଇଥିଲେ ସେଥିରେ ତରଭୁଜକୁ କାଟି କିଛି ସମୟ ଘଷନ୍ତୁ । ଏକ ମିନିଟ୍ ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ । ଲାଭ ମିଳିବ ନିଶ୍ଚୟ ।

ତରଭୁଜ ଖାଇବା ସମୟରେ ଗୋଟିଏ କଥାପ୍ରତି ଧ୍ୟାନ ଦିଅନ୍ତୁ, ଏହାକୁ ଖାଇବାର ଏକ ଘଣ୍ଟା ପର୍ଯ୍ୟନ୍ତ ପାଣି ପିଇବେ ନାହିଁ । ନଚେତ୍ ଲାଭ ବଦଳରେ କ୍ଷତି ହେବ । ଯେତେ ସମ୍ଭବ ତରଭୁଜକୁ ତାଜା ଥିବା ସମୟରେ ଖାଆନ୍ତୁ । କଟା ତରଭୁଜକୁ ବେଶି ସମୟ ରଖି ଖାଇଲେ ଏହା ଶରୀର ପକ୍ଷେ କ୍ଷତିକାରକ ହୋଇପାରେ ।

## ଆପଣ ଜାଣନ୍ତି କି ?

- ସାରା ବିଶ୍ୱରେ ଏବେ ଚାଲୁଛି ଶହେ କୋଟିରୁ ଅଧିକ କାର୍ ।
- ହିଟଲ୍‌ର ବନ୍ଦୀ ଥିବା ବେଳେ ମର୍ସିଡିଜ୍ କାରଟିଏ କିଣିବା ନିମନ୍ତେ ଋଣ ଆବେଦନ କରିଥିଲେ ।
- ଏକଦା ଏକ ଛୋଟିଆ କାର୍ ଭିତରେ ଉଣେଇଶ ଜଣ ଯୁବତୀ ପ୍ରବେଶ କରି ବିରଳ କୀର୍ତ୍ତିମାନ ସ୍ଥାପନ କରିଥିଲେ ।
- ସାଧାରଣ କାର୍‌ର ଯନ୍ତ୍ରାଂଶ ସଂଖ୍ୟା ୩୦ ହଜାର ।
- ବ୍ରାଜିଲର ୯୨ ପ୍ରତିଶତ ନୂଆ କାର୍ ଆଖୁରୁ ପ୍ରସ୍ତୁତ ଇନ୍ଧନ 'ଇଥାନଲ୍'ରେ ଚାଲୁଛି ।
- ୧୮୯୧ ରେ ଓହିଓରେ ପ୍ରଥମ କାର୍ ଦୁର୍ଘଟନା ଘଟିଥିଲା ।
- ଋଷିଆରେ ଅପରିଷ୍କାର କାର୍ ଚଳାଇବା ଏକ ଅପରାଧ ।
- ତୁର୍କମେନିସ୍ତାନରେ କାର ମାଲିକମାନଙ୍କୁ ପ୍ରତି ମାସରେ ୧୨୦ ଲିଟର ପେଟ୍ରୋଲ ମାଗଣା ମିଳେ ।
- ଲସ୍ ଏଞ୍ଜେଲସରେ ମଣିଷଙ୍କଠାରୁ କାର୍ ସଂଖ୍ୟା ଅଧିକ ।
- ଏକ ନିୟୁତ ଡଲାରର ପ୍ରଥମ ବିଶ୍ୱ ଶିକ୍ଷକ ପୁରସ୍କାର ନାନସୀ ଆଟୱେଲ ପାଇଥିଲେ ।
- ଭାରତରେ ଅଧିକାଂଶ ଲୋକଙ୍କର ଅର୍ଥନୀତି ସମ୍ପର୍କରେ ଜ୍ଞାନ ନାହିଁ ୭୬ ପ୍ରତିଶତ ଭାରତୀୟ ମୁଦ୍ରାସ୍ଫୀତି, ସୁଧହାର ବୁଝନ୍ତି ନାହିଁ ।
- ପୃଥିବୀରେ ହାରାହାରି ୬୬ ପ୍ରତିଶତ ଲୋକଙ୍କର ଆର୍ଥିକ ସାକ୍ଷରତା ଅର୍ଥାତ୍ ଅର୍ଥନୀତି ସମ୍ପର୍କିତ ଜ୍ଞାନ ନାହିଁ । ଭାରତରେ ୭୩ ପ୍ରତିଶତ ପୁରୁଷ ଓ ୮୦ ପ୍ରତିଶତ ମହିଳା ଆର୍ଥିକ ଦୃଷ୍ଟିରୁ ସାକ୍ଷର ନୁହନ୍ତି । ମୋଟାମୋଟି ଭାବେ ଭାରତରେ ୨୪ ପ୍ରତିଶତ ଲୋକ ଆର୍ଥିକ ସାକ୍ଷର ।

## ସୁସ୍ୱାସ୍ଥ୍ୟ ପାଇଁ ଖାଆନ୍ତୁ ଫଳ

**ନି**ୟମିତ ଫଳ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ପିଲାଠାରୁ ବୟସ୍କ ସମସ୍ତଙ୍କ ପାଇଁ ଉତ୍ତମ ବିଭିନ୍ନ ରକମର ଫଳ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଦୀର୍ଘାୟୁ କରିଥାଏ । ଦିଲ୍ଲୀର ନାମକରା ଖାଦ୍ୟ ବିଶେଷଜ୍ଞ ଡାକ୍ତର ଅମିତା ସିଂହବତା ଏ ସଂକ୍ରାନ୍ତରେ ଆବଶ୍ୟକ ତଥ୍ୟ ଉପସ୍ଥାପନା କରିଛନ୍ତି ।



ନିୟମିତ ଭାବେ ପାଚିଲା ଅମୃତଭଣ୍ଡା ଖାଇବା ଦ୍ୱାରା ଅର୍ଶ ରୋଗ ଦୂର ହୋଇଥାଏ । ତରକାରିରେ ଅମୃତଭଣ୍ଡା ପ୍ରୟୋଗ କରିବା ଶରୀର ପାଇଁ ଖୁବ୍ ଭଲ ।

ହୃଦରୋଗ ଓ ତ୍ୱଚା ନିମନ୍ତେ ତରଭୁଜ ଖୁବ୍ ଉପକାରୀ । ଦୈନିକ ଏହାକୁ ଖାଇଲେ କେଶର ଘନତ୍ୱ ମଧ ବଢ଼େ ।

ଶରୀରରେ ହରମୋନ୍ ଅସନ୍ତୁଳନ ହେଉଥିଲେ ପ୍ରତ୍ୟହ ପିଜୁଳି ଖାଇଲେ ସେ ସମସ୍ୟା ଯଥାଶୀଘ୍ର ଦୂର ହୁଏ ବୋଲି ବିଶେଷଜ୍ଞଙ୍କ ମତ ।

ମାସକୁ ଥରେ କିମ୍ବା ୨ ଥର ଅନ୍ତତଃ ଜାମୁକୋଳି ଖାଇବା ଉଚିତ । ଏହା ଦ୍ୱାରା ପେଟର ଜୀବାଣୁ ନଷ୍ଟ ହୋଇଥାଏ ।

ଖରାଦିନିଆ ଫଳ ଆମ୍ବ ସୁଆଦିଆ ହେବା ସହ ଏହାକୁ ଖାଇଲେ ବୃକକ୍ ରୋଗ ହୋଇ ନ ଥାଏ ।

## ଶୋଇବାରେ ଅନିୟମିତତା ବଢ଼ାଏ ଓଜନ

**ଜ**ଣେ ବ୍ୟକ୍ତି ପ୍ରତିଦିନ ଅତିକମରେ ୭-୮ ଘଣ୍ଟା ଶୋଇବା ଦରକାର । କାରଣ ପରିଶ୍ରମ ଅନୁସାରେ ଶରୀରକୁ ବିଶ୍ରାମର ଆବଶ୍ୟକତା ରହିଛି । ଯଦି ଏଥିରେ ଅନିୟମିତତା ହେଲା ତେବେ ତାହା କେତେକ ରୋଗ ସୃଷ୍ଟି କରିଥାଏ । ଏହି ତାଲିକାରେ ଆଉ ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ସାମିଲ କରାଯାଇଛି । ତାହା ହେଲା ମେଦବହୁଳତା । ଅର୍ଥାତ୍ ଯଦି ଜଣେ ବ୍ୟକ୍ତିଙ୍କର ଶୋଇବାରେ ଅନିୟମିତତା ଏକ ଅଭ୍ୟାସରେ ପରିଣତ ହୋଇଯାଏ ତେବେ ତାହା ଓଜନ ବଢ଼ାଇବାରେ ସହାୟକ ହୋଇଥାଏ ବୋଲି ମତ ଦେଇଛନ୍ତି ୟୁନିଭର୍ସିଟି ଅଫ୍ ୱାଶିଂଟନର ବିଶେଷଜ୍ଞମାନେ । ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଜଣେ ନିଜର ଶୋଇବା ସମୟ ବିଷୟରେ ଅବଗତ ହେବା ଦରକାର ଏବଂ ପ୍ରତିଦିନ ଅତିକମରେ ୬-୭ ଘଣ୍ଟା ଶୋଇଲେ ଓଜନ ସନ୍ତୁଳିତ ରହିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



## କହିପାରିବେ କି ?

(୧) ବାଣଭଟ୍ଟ କେଉଁ ରାଜାଙ୍କ ରାଜକବି ଥିଲେ ?

(୨) ପ୍ରଥମ ଭାରତୀୟ ଫିଲ୍ମ 'ରାଜା ହରିଶ୍ଚନ୍ଦ୍ର'ର ନିର୍ମାତାଙ୍କ ନାମ କ'ଣ ?

(୩) 'ଏ ମେରେ ୱତନ କେ ଲୋଗୋ' ଗୀତଟିକୁ କିଏ ଲେଖିଥିଲେ ?

(୪) 'ଝାନ୍‌ସି କି ରାଣୀ' ପୁସ୍ତକର ରଚୟିତା କିଏ ?

(୫) ମହାକାଶକୁ ପ୍ରଥମେ କୃତ୍ରିମ ଉପଗ୍ରହ ପଠାଇଥିବା ଦେଶର ନାଁ କ'ଣ ?

(୬) ଭାରତ ସ୍ୱାଧୀନ ହେବା ସମୟରେ ବ୍ରିଟେନର ପ୍ରଧାନମନ୍ତ୍ରୀ କିଏ ଥିଲେ ?

(୭) ଡି.ସି.ଏମ୍ ଟ୍ରଫିର ସମ୍ପର୍କ କେଉଁ ଖେଳ ସହ ରହିଛି ?

(୮) ରାମାୟଣରେ ଲକ୍ଷ୍ମଣଙ୍କୁ ନାଗଫାଶ ବନ୍ଧନରୁ କିଏ ମୁକ୍ତ କରିଥିଲେ ?

(୯) ବିଶ୍ୱର ସବୁଠୁ ବଡ଼ ହ୍ରଦର ନାଁ କ'ଣ ?

(୧୦) ଲୋସାଙ୍ଗ ଉତ୍ସବ ଭାରତର କେଉଁ ରାଜ୍ୟରେ ପାଳନ କରାଯାଏ ?

### JUMBLE WORDS

| | | | |
|---|---|---|---|
| 1) RVDEIT | = | 6) JNCETI | = |
| 2) WOSDAH | = | 7) ZRROA | = |
| 3) TALSN | = | 8) NOEUC | = |
| 4) ANGDL | = | 9) MTOOTA | = |
| 5) LSUETS | = | 10) EPRILP | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଜୋକ, ୨. ଖେଚୁଡି, ୩. ଥାଇଲାଣ୍ଡ, ୪.ଆଇସିଆଇସିଆଇ, ୫.କୋଲକାତା, ୬. ଉତ୍ତରାକାଣ୍ଡ, ୭. ନୀଳ, ୮. ବଶିଷ୍ଠ, ୯. ରଘୁବଂଶ, ୧୦. ସୂର୍ଯ୍ୟ ।

***Jumble Words*** ର ଉତ୍ତର **:-**

(1) MOUND (2) DRIFT (3) TAUGHT (4) COLUMN (5) STRUM (6) BOUND (7) PILLOW (8) ELEVEN (9) TWIRL (10) SINGE.

# ଆଣ୍ଟିବାୟୋଟିକ ଔଷଧର ଇତିହାସ



**ଆ**ଣ୍ଟିବାୟୋଟିକ ସମସ୍ତ ରୋଗର ରାମବାଣ ଚିକିତ୍ସା ଆଜି ମଧ ସମ୍ଭବ ହୋଇ ପାରୁଛି । ୭୫ ବର୍ଷ ପୂର୍ବେ ଏହି ଔଷଧଗୁଡ଼ିକର ଉତ୍ପାଦନ ଆରମ୍ଭ ହୋଇଥିଲା । ପ୍ଲେଗ ଭଳି ମହାମାରୀରୁ ଏହି ଔଷଧ ଦ୍ୱାରା ମୁକ୍ତି ମିଳିଥିଲା । ୧୮୪୦ରେ ୟୁରୋପରେ ଅଢ଼େଇ କୋଟିରୁ ଅଧିକ ଲୋକ ପ୍ଲେଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡ଼ିଥିଲେ, କିନ୍ତୁ ଏବେ ଏହି ମହାମାରୀ ପ୍ରାୟ ସଂପୂର୍ଣ୍ଣ ଲୋପ ହୋଇ ଯାଇଛି । ସତକଥା ହେଲା ଅନେକ ଭୟଙ୍କର ରୋଗର ନିୟନ୍ତ୍ରଣ ମଧ ଏହି ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ସମ୍ଭବ ହୋଇ ପାରିଛି ।

ଏହା ଠିକ୍ ଯେ କେବେ କେବେ ଏହା ଶରୀରରେ ଆଲର୍ଜି ଏବଂ ଅନ୍ୟ ନୂତନ ରୋଗଗୁଡ଼ିକ ସୃଷ୍ଟି କରିବାର କାରଣ ହୋଇଥାଏ । ଅପାରଗ ବୈଦ୍ୟଙ୍କ ଦ୍ୱାରା ରୋଗର ଠିକ୍ ନିଦାନ ଜଣା ନ ପଡ଼ିବା ସତ୍ତ୍ୱେ ଏହି ଔଷଧ ରୋଗୀକୁ ଆବଶ୍ୟକତା ଠାରୁ ଅଧିକ ଖୁଆଇ ଦିଆଯାଉଛି । ତେଣୁ ଶରୀରରେ ଯେଉଁ ଜୀବାଣୁ ଓ ବିଷାଣୁ ମହଜୁଦ ଅଛନ୍ତି, ସେମାନେ ଏହି ଔଷଧଗୁଡ଼ିକ ବିରୁଦ୍ଧରେ ନିଜର ପ୍ରତିରୋଧୀ ତନ୍ତ୍ର ବିକଶିତ କରିବାରେ ସଫଳ ହେଉଛନ୍ତି । ପରିଣାମ ସ୍ୱରୂପ କେତେକ ରୋଗ ଉପରେ ଏ ଔଷଧଗୁଡ଼ିକର ପ୍ରଭାବ ପଡୁ ନାହିଁ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ନିଜର ଏକ ରିପୋର୍ଟରେ ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ବିରୁଦ୍ଧରେ ସୃଷ୍ଟି ହେଉଥିବା ପ୍ରତିରୋଧାତ୍ମକ କ୍ଷମତାକୁ ମାନବ ସ୍ୱାସ୍ଥ୍ୟ ପାଇଁ ବୈଶ୍ୱିକ ବିପଦର ସଂଜ୍ଞା ଦେଇଛି । ଏହି ରିପୋର୍ଟରୁ ସ୍ପଷ୍ଟ ହୁଏ ଯେ ଚିକିତ୍ସା ବିଜ୍ଞାନର ନୂଆ ନୂଆ ଆବିଷ୍କାର ଓ ଉପଚାରର ଅତ୍ୟାଧୁନିକ ଉପାୟ ମଧ ମଣିଷକୁ ଭୟଙ୍କର ରୋଗରୁ ମୁକ୍ତି ଦେଇପାରୁ ନାହିଁ । ଚିନ୍ତାର ବିଷୟ ହେଉଛି, ଯେଉଁ ମହାମାରୀଗୁଡ଼ିକ ସମାପ୍ତ ହେବାର ଦୁନିଆ ଦାବି କରୁଛି, ସେଗୁଡ଼ିକ ମଧ ପୁଣି ଆକ୍ରାମକ ହେଉଛି ।

ମାନବ ଜୀବନ ପାଇଁ ହାନିକାରକ ସୂକ୍ଷ୍ମ ଜୀବମାନଙ୍କୁ ନଷ୍ଟ କରିବାର ଯେଉଁ ଔଷଧ ଆବିଷ୍କାର କରାଯାଇଛି, ସେଗୁଡ଼ିକ ସ୍ଥାୟୀ ରୂପେ ରୋଗନାଶକ ସିଦ୍ଧ ହୋଇପାରୁ ନାହିଁ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୧୪ଟି ଦେଶରୁ ସଂଗ୍ରହ କରିଥିବା ତଥ୍ୟଗୁଡ଼ିକର ବିଶ୍ଳେଷଣ କରି ନିଜର ରିପୋର୍ଟରେ କହିଛି ଯେ ଏହି ପ୍ରତିରୋଧକ କ୍ଷମତା ଦୁନିଆର ପ୍ରତ୍ୟେକ କୋଣରେ ଦେଖାଯାଉଛି ।

ରିପୋର୍ଟରେ ଏପରି ଏକ ଉତ୍ତରାର୍ଦ୍ଧ ଆଣ୍ଟିବାୟୋଟିକ ଯୁଗର ଆଶଙ୍କା କରାଯାଉଛି, ଯେଉଁଥିରେ ଲୋକମାନଙ୍କ ସମ୍ମୁଖରେ ପୁଣି ସେହି ସାଧାରଣ ସଂକ୍ରମଣ କାରଣରୁ ମୃତ୍ୟୁର ବିପଦ ସଂଗଠିତ ହେବ, ଯାହାର ଚିକିତ୍ସା ଗତ କେତେକ ଦଶକରୁ ସମ୍ଭବ ହେଉଛି । ଏହି ରିପୋର୍ଟ ମେଲେରିଆ, ନିମୋନିଆ, ଡାଇରିଆ ଓ ରକ୍ତ ସଂକ୍ରମଣ କାରଣରୁ ହେଉଥିବା ସାତଟି ଅଲଗା ଅଲଗା ଜୀବାଣୁ ଉପରେ କେନ୍ଦ୍ରିତ । ରିପୋର୍ଟ ଅନୁସାରେ- ଅଧ୍ୟୟନରେ ସାମିଲ ଅଧାରୁ ଅଧିକ ଲୋକଙ୍କ ଉପରେ ଦୁଇ ମୁଖ୍ୟ ଆଣ୍ଟିବାୟୋଟିକର ପ୍ରଭାବ ପଡ଼ିଲା ନାହିଁ । ସ୍ୱାଭାବିକ ରୂପେ ଜୀବାଣୁ ଧୀରେ ଧୀରେ ଆଣ୍ଟିବାୟୋଟିକ ବିରୁଦ୍ଧରେ ନିଜ ଭିତରେ ପ୍ରତିରକ୍ଷା କ୍ଷମତା ସୃଷ୍ଟି କରିଦିଏ, କିନ୍ତୁ ଏହି ଔଷଧଗୁଡ଼ିକର ହେଉଥିବା ଆଖିବୁଜା ପ୍ରୟୋଗରୁ ଏହି ସ୍ଥିତି ଅନୁମାନ ଠାରୁ ଅଧିକ ଭୟାବହ ହେଉଛି ।

ଚିକିତ୍ସକମାନଙ୍କ ଦ୍ୱାରା ଏହି ଔଷଧଗୁଡ଼ିକର ପରାମର୍ଶ ଦେବା ଓ ରୋଗୀଙ୍କ ତରଫରୁ ଔଷଧର ପୂରା ମାତ୍ରା ନ ନେବା ମଧ ଏହାର ପ୍ରମୁଖ କାରଣ । ପ୍ରସିଦ୍ଧ ବିଶେଷଜ୍ଞ ଡା. ଫୁକୁଦାଙ୍କ ମତରେ ଯେପର୍ଯ୍ୟନ୍ତ ଆମେ ସଂକ୍ରମଣ ରୋକିବାର ଉତ୍ତମ ପ୍ରବନ୍ଧନ ସହିତ ଆଣ୍ଟିବାୟୋଟିକର ନିର୍ମାଣ, ନିର୍ଦ୍ଧାରଣ ଓ ପ୍ରୟୋଗର ପ୍ରକ୍ରିୟାକୁ ବଦଳାଇବା ନୁହଁ, ସେପର୍ଯ୍ୟନ୍ତ ଏହି ବିପଦ କାଏମ ରହିବ ।

ବୈଜ୍ଞାନିକ ମାନେ ଆଣ୍ଟିବାୟୋଟିକ ଔଷଧଗୁଡ଼ିକର ଅନ୍ୱେଷଣ କରି ମହାମାରୀଗୁଡ଼ିକ ଉପରେ ଏକ ପ୍ରକାର ବିଜୟ ପତାକା ଉଡ଼ାଇ ଦେଇଥିଲେ, କିନ୍ତୁ ଚିକିତ୍ସକମାନେ ଏହି ଔଷଧଗୁଡ଼ିକର ଏତେ ଅଧିକ ପ୍ରୟୋଗ କଲେ ଯେ ରୋଗଗୁଡ଼ିକୁ ବିସ୍ତାର କରୁଥିବା ସୂକ୍ଷ୍ମଜୀବଗୁଡ଼ିକ ପ୍ରତିରୋଧାତ୍ମକ ଔଷଧଗୁଡ଼ିକର ବିପରୀତ ହିଁ ପ୍ରତିରୋଧାତ୍ମକ କ୍ଷମତାକୁ ହାସଲ କରିନେଲେ ।

ମାନବୀୟ କାୟାରେ ପ୍ରତ୍ୟେକ ସୂକ୍ଷ୍ମଜୀବ ହାନିକାରକ ହୋଇ ନ ଥାନ୍ତି, କିଛି ପାଚନ କ୍ରିୟା ପାଇଁ ଲାଭଦାୟକ ମଧ ହୋଇଥାନ୍ତି । ପ୍ରାକୃତିକ ରୂପେ ଆମ ଶରୀରରେ ୨୦୦ କିସମର ଏପରି ସୂକ୍ଷ୍ମଜୀବ ଡେରା ପକାଇ ଅଛନ୍ତି ଯେଉଁମାନେ ଆମର ପ୍ରତିରକ୍ଷା ତନ୍ତ୍ରକୁ ମଜଭୂତ ଓ ଶରୀରକୁ ନୀରୋଗ ରଖୁବାର କାମ କରନ୍ତି, କିନ୍ତୁ ଅଧିକ ମାତ୍ରାରେ ଖୁଆ ଯାଉଥିବା ଆଣ୍ଟିବାୟୋଟିକ ଔଷଧ ଏଗୁଡ଼ିକୁ ନଷ୍ଟ କରିବାର କାମ କରିଥାଏ ।

ଆଣ୍ଟିବାୟୋଟିକ ଔଷଧଗୁଡ଼ିକର ଅନ୍ୱେଷଣ ମନୁଷ୍ୟ ଜାତି ପାଇଁ ଈଶ୍ୱରୀୟ ବରଦାନ ସିଦ୍ଧ ହୋଇଥିଲା, କାରଣ ଏହା ଦ୍ୱାରା ଅନେକ ସଂକ୍ରାମକ ରୋଗରୁ ମୁକ୍ତି ମିଳିବାର ଆଶା ରଖା ଯାଇଥିଲା, କିନ୍ତୁ ଯେମିତି ହିଁ ସଂକ୍ରାମକ ରୋଗଗୁଡ଼ିକ ସହିତ ଲଢ଼ିବା ପାଇଁ ଆଣ୍ଟିବାୟୋଟିକ ଔଷଧଗୁଡ଼ିକର ପ୍ରୟୋଗ ଆରମ୍ଭ କରାଗଲା ତ ବୈଜ୍ଞାନିକମାନେ ଦେଖିଲେ ଯେ ପୁରୁଣା ସୂକ୍ଷ୍ମଜୀବଗୁଡ଼ିକ ନିଜର ରୂପାନ୍ତରଣ କରି ନେଇଛନ୍ତି । ପେନସିଲିନର ଆବିଷ୍କାର ଏକ କ୍ରାନ୍ତିକାରୀ ଗବେଷଣା ଥିଲା, କିନ୍ତୁ ବୈଜ୍ଞାନିକଗଣ ଦେଖିଲେ ଯେ ଏବେ ଏପରି କିଛି ସୂକ୍ଷ୍ମଜୀବ ସାମନାକୁ ଆସିଛନ୍ତି, ଯାହା ଉପରେ ପେନସିଲିନର ପ୍ରଭାବ ଲେଶମାତ୍ର ପଡୁ ନାହିଁ ।

ସୂକ୍ଷ୍ମଜୀବଗୁଡ଼ିକୁ କେବଳ ସୂକ୍ଷ୍ମଦର୍ଶୀ ଯନ୍ତ୍ର ଦ୍ୱାରା ଦେଖାଯାଇ ପାରେ । ଜୀବାଣୁ ଓ ବିଷାଣୁ ସୂକ୍ଷ୍ମଜୀବମାନଙ୍କ ସଦୃଶ ଯେକୌଣସି କୋଷରେ ପହଞ୍ଚି ଶରୀରକୁ କ୍ଷତି ପହଞ୍ଚାଇବା ଆରମ୍ଭ କରିଦିଅନ୍ତି । ଏମାନେ ଆମର ଚର୍ମ, ମୁହଁ, ନାକ ଓ କାନ ମାଧମରେ ଶରୀରରେ ପ୍ରବେଶ କରିଥାନ୍ତି । ପୁଣି ଜଣଙ୍କ ଠାରୁ ଅନ୍ୟ ବ୍ୟକ୍ତିଙ୍କ ମଧରେ ବିସ୍ତାର ଲାଭ କରନ୍ତି । ଏଥିପାଇଁ ଏବେ ଚିକିତ୍ସକମାନେ ପରାମର୍ଶ ଦେଲେଣି ଯେ ଦୁଇ ବ୍ୟକ୍ତିଙ୍କ ମଧରେ ଏକ ହାତର ଦୂରତା ନିଶ୍ଚୟ ରଖିବା ଉଚିତ । କାହାର ଅଇଁଠା ଖାଇବା ପିଇବା ଅନୁଚିତ । ଏମିତିରେ ଆମର ଚର୍ମ ସୂକ୍ଷ୍ମଜୀବଗୁଡ଼ିକୁ ରୋକିବାର କାମ କରିଥାଏ, ଆଉ ଯେଉଁଗୁଡ଼ିକ ଶରୀରରେ ପ୍ରବେଶ କରି ଯାଆନ୍ତି, ସେଗୁଡ଼ିକୁ ଆଣ୍ଟିବାୟୋଟିକ ଔଷଧ ମାରିଦିଏ ।

କିଛି ସମୟ ପାଇଁ ସଂକ୍ରାମକ ରୋଗଗୁଡ଼ିକର ବିସ୍ତାରରେ ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ଅଙ୍କୁଶ ଲଗାଇ ରଖିଲେ । ଏହା ପୂର୍ବରୁ ବିଶେଷ କରି ଭାରତ ସମେତ ଏସୀୟ ଦେଶଗୁଡ଼ିକର ଡାକ୍ତରଖାନାଗୁଡ଼ିକ ସଂକ୍ରାମକ ରୋଗୀମାନଙ୍କ ଦ୍ୱାରା ଭରି ରହୁଥିଲା ଏବଂ ଚିକିତ୍ସକମାନେ ରୋଗୀମାନଙ୍କୁ ରକ୍ଷା କରିପାରୁ ନ ଥିଲେ । ନିମୋନିଆ ଓ ଡାଇରିଆ ରୋଗୀମାନଙ୍କୁ ମଧ ବଞ୍ଚାଇବା କଠିନ ଥିଲା । ଆଘାତ ଲାଗିଲେ ଟିଟାନସ୍ ଓ ସେପ୍‌ସିସ କବଳରେ ପଡ଼ି ରୋଗୀମାନଙ୍କର ମୃତ୍ୟୁ ନିଶ୍ଚିତ ହେଉଥିଲା ।

୧୯୪୦ ରୁ ୧୯୮୦ ମଧରେ ପ୍ରଭାବକାରୀ ଆଣ୍ଟିବାୟୋଟିକଗୁଡ଼ିକର ଅନ୍ୱେଷଣ ହେଲା । ଫଳସ୍ୱରୂପ ସ୍ୱାସ୍ଥ୍ୟ ଜଗତରେ କ୍ରାନ୍ତିକାରୀ ପରିବର୍ତ୍ତନ ହେଲା, କିନ୍ତୁ ୧୯୮୦ ପରେ କୌଣସି ବଡ଼ ଅନୁସନ୍ଧାନ ହୋଇ ନାହିଁ, ଯଦ୍ୟପି ସମଗ୍ର ଦୁନିଆରେ ଏହି ସମୟରେ ଚିକିତ୍ସା ଓ ଶିକ୍ଷା ଏକ ସଂସ୍ଥାଗତ ଢାଞ୍ଚା ରୂପେ ବିକଶିତ ହୋଇଯାଇଥିଲା । ଆବିଷ୍କାରରେ ଉପଯୋଗୀ ହେଉଥିବ । ଉପକରଣ ମଧ ଗବେଷଣ ସଂସ୍ଥାନ ଗୁଡ଼ିକରେ ଏବେ ସହଜରେ ଉପଲବ୍ଧ । ଏ ୧୯୯୦ରେ ଏକ ନୂତନ କିସମର ଆଣ୍ଟିବାୟୋଟିକର ଅନୁସନ୍ଧାନ ଅବଶ୍ୟ ହେଲା, ପରନ୍ତୁ ବଜାରରେ ଯେଉଁ ନୂତନ ଔଷଧ ଆସିଲା, ସେଗୁଡ଼ିକ ଯଥାର୍ଥରେ ପୁରୁଣା ଔଷଧର ନୂତନ ସ୍ୱରୂପ ହିଁ ଥିଲା ।

ବିଡ଼ମ୍ବନା ହେଉଛି ଯେ ନୂତନ ଆଣ୍ଟିବାୟୋଟିକ ଔଷଧ ବିକଶିତ ହେଉ ନାହିଁ, ଯଦ୍ୟପି ବଳବାନ ନୂଆ ନୂଆ ସୂକ୍ଷ୍ମଜୀବ ସାମନାକୁ ଆସୁଛନ୍ତି । ମହଜୁଦ ଥିବା ଔଷଧଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯାଇଛି । ଏହି ପୃଷ୍ଠଭୂମିରେ ସଂକ୍ରାମକ ରୋଗଗୁଡ଼ିକର ବିପଦ ବଢ଼ିବାରେ ଲାଗିଛି । ପ୍ରକୃତି ମନୁଷ୍ୟକୁ ରୋଗଗୁଡ଼ିକ ଠାରୁ ରକ୍ଷା ପାଇବା ପାଇଁ ଶରୀର ଭିତରେ ହିଁ ମଜଭୁତ ପ୍ରତିରକ୍ଷାତ୍ମକ ତନ୍ତ୍ର ଦେଇଛି । ଏହା ଶ୍ୱେତ ଓ ଲୋହିତ ରକ୍ତ କଣିକା ନାମରେ ପରିଚିତ । ଏହା ବ୍ୟତୀତ ରୋଗ ନିରୋଧୀ ଏନ୍‌ଜାଇମ ଲାଇପୋଜାଇମ୍ ମଧ ରହିଛି ।

ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ଯେଉଁଠି ଅନେକ ସଂକ୍ରାମକ ରୋଗଗୁଡ଼ିକରୁ ମାନବ ଜାତିକୁ ରକ୍ଷା କଲା, ସେଇଠି ଦୁଷ୍ପରିଣାମ ସ୍ୱରୂପ ଶରୀରର ପ୍ରତିରୋଧାତ୍ମକ ଶକ୍ତିକୁ ଦୁର୍ବଳ କରିଦେଲା । ଯେପରି ମାନବ ଶରୀର ବିଭିନ୍ନ ପ୍ରାକୃତିକ ତାପମାତ୍ରା, ବାୟୁମଣ୍ଡଳ ଓ ଭୌଗୋଳିକ ପରିସ୍ଥିତି ଏବଂ ପର୍ଯ୍ୟାବରଣ ଅନୁକୂଳ ନିଜକୁ ପ୍ରସ୍ତୁତ କରିନିଏ, ସେହି ପ୍ରକାର ଆମ ଧରିତ୍ରୀର ଅସ୍ତିତ୍ୱ ସମୟରୁ ହିଁ ସୂକ୍ଷ୍ମଜୀବ ଏବଂ ସେମାନଙ୍କ ବିରୋଧୀ ଶରୀରର ପ୍ରାକୃତିକ ପ୍ରତିରୋଧାତ୍ମକ ଶକ୍ତିର ମଧ ନିରନ୍ତର ବିକାଶ ହୋଇଥାଏ । ଆଣ୍ଟିବାୟୋଟିକ ଔଷଧଗୁଡିକ ଉଭୟ ମଧରେ ଥିବା ସନ୍ତୁଳନକୁ ବିଗାଡ଼ି ଦେଲା, ତେଣୁ ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ଯେତେବେଳେ ସୂକ୍ଷ୍ମ ଜୀବଗୁଡ଼ିକୁ ମାରିବାରେ ଲାଗିଲା, ସେତେବେଳେ ଜୀବାଣୁ ଓ ବିଷାଣୁଗୁଡ଼ିକ ନିଜକୁ ଆହୁରି ଅଧିକ ଶକ୍ତିଶାଳୀ କରିଦେଲେ ।

ଏଣୁ ମହାଜୀବାଣୁ କେବେ ନଷ୍ଟ ହେଉ ନଥିବା ରକ୍ତବୀଜ ଶ୍ରେଣୀରେ ଆସିଯାଇଛନ୍ତି । ଏଥିପାଇଁ ଆଜି ବୈଜ୍ଞାନିକମାନେ କହୁଛନ୍ତି ଯେ ଆଣ୍ଟିବାୟୋଟିକ ଔଷଧଗୁଡ଼ିକର ମାତ୍ରା ଉପରେ ଅଙ୍କୁଶ ଲଗାଇବା ଦରକାର । ଉପଯୁକ୍ତ ଚିକିତ୍ସା, ଉଚିତ ମାତ୍ରା ଏବଂ ପରିଚର୍ଯ୍ୟା ଦ୍ୱାରା ହିଁ ଏହି ଔଷଧଗୁଡ଼ିକର ସମୁଚିତ ଲାଭ ନିଆଯାଇ ପାରିବ । ପ୍ରକୃତି ସହିତ ସାମଞ୍ଜସ୍ୟ ରକ୍ଷା କରି ହିଁ ବ୍ୟକ୍ତି ନୀରୋଗ ହୋଇ ପାରିବ । ବର୍ତ୍ତମାନ ଆଣ୍ଟିବାୟୋଟିକ ଔଷଧଗୁଡ଼ିକର ଉପଯୁକ୍ତ ବିକଳ୍ପ ମଧ ଉପଲବ୍ଧ । ଜୀବନଚକ୍ରକୁ ସୁବ୍ୟବସ୍ଥିତ କରି ପୀଡ଼ା କମ୍ କରିବା ଏବଂ ଏଥିରୁ ଉପଶମ ପାଇବାର ବୈକଳ୍ପିକ ଉପାୟଗୁଡ଼ିକ ମଧରେ ସବୁଠାରୁ ସଫଳ ହେଉଛି- ଯୌଗିକ ଚିକିତ୍ସା, ଆୟୁର୍ବେଦିକ ଉପଚାର, ପ୍ରାକୃତିକ ଚିକିତ୍ସା, ପଞ୍ଚକର୍ମ ଚିକିତ୍ସା, ଆକ୍ୟୁପ୍ରେସର, ପ୍ରାଣିକ ହିଲିଙ୍ଗ ଇତ୍ୟାଦି ।

ଔଷଧଗୁଡ଼ିକର ବିକଳ୍ପ ରୂପେ ଆୟୁର୍ବେଦିକ ଔଷଧ ଓ ହୋମିଓପାଥ ଔଷଧଗୁଡ଼ିକ ଉତ୍ତମ ବିକଳ୍ପ ପ୍ରସ୍ତୁତ କରିଥାଏ । ଏହି ଔଷଧଗୁଡ଼ିକ ଗୋଗକୁ ବିଳମ୍ବରେ ହେଉ ପଛକେ, କିନ୍ତୁ ସ୍ଥାୟୀ ସମାଧାନ ଦେଇଥାଏ ଏବଂ ଆମକୁ ନିଜର ଜୀବନଶୈଳୀ, ଖାଇବା ପିଇବାରେ ସୁଧାର ଆଣିବା ପାଇଁ ମଧ ପ୍ରେରିତ- ପ୍ରୋତ୍ସାହିତ କରିଥାଏ । ଯେଉଁମାନଙ୍କ ଜୀବନଶୈଳୀ ଉପଯୁକ୍ତ ସେମାନେ ଏହି ଦୁଷ୍ପ୍ରଭାବଗୁଡ଼ିକରୁ ଦୂରେଇ ରହନ୍ତି, ତେଣୁ ସୁସ୍ଥ ଜୀବନଶୈଳୀ ହିଁ ଏକମାତ୍ର ସଂପୃକ୍ତ ସମାଧାନ ।

## ବାର୍ଦ୍ଧକ୍ୟର... (ପଞ୍ଚମ ପୃଷ୍ଠାର ଅବଶିଷ୍ଟାଂଶ)

ଜୀବନର ମହାତ୍ ଉଦ୍ଦେଶ୍ୟ ଉପରେ ବିଚାର କରି ତାକୁ ସାର୍ଥକ-ସାକାର କରିବା ପାଇଁ ପ୍ରତ୍ୟେକ କ୍ଷଣ ସଂଲଗ୍ନ ରହନ୍ତୁ ଏବଂ ଅନ୍ୟମାନଙ୍କର ବି ମାର୍ଗଦର୍ଶନ କରନ୍ତୁ । ଏହି ପ୍ରକାର ଆତ୍ମସନ୍ତୁଷ୍ଟ ଏବଂ ଲୋକୋପଯୋଗୀ ଜୀବନଯାପନ କରି ମୃତ୍ୟୁର ମହୋତ୍ସବର ପ୍ରସ୍ତୁତି କରନ୍ତି । ମୃତ୍ୟୁ ତ ଅବଶ୍ୟମ୍ଭାବୀ । ପ୍ରତ୍ୟେକ ବ୍ୟକ୍ତିର ଆୟୁ ନିର୍ବାଚିତ, ମୃତ୍ୟୁର ସମୟକୁ ଟାଳି ହେବ ନାହିଁ । କୌଣସି ଦେହଧାରୀ ଅମର ନୁହେଁ, ଅମର ତ କେବଳ ଆତ୍ମା ଅଟେ । ଏହି ଆତ୍ମତନ୍ତ୍ରକୁ ସତତ ଚିନ୍ତନ ମନନ କରି, ଭଗବଦ୍ ଭଜନ କରି ସଂଚିତ କର୍ମଗୁଡ଼ିକୁ ନଷ୍ଟ କରନ୍ତୁ ତଥା ପୁଣ୍ୟ କର୍ମଗୁଡ଼ିକର ନିରନ୍ତର ବୃଦ୍ଧି କରି ଜୀବନର ମହାଯାତ୍ରାର ପ୍ରସ୍ତୁତି କରନ୍ତୁ ।

# 'ନବୀନ'ର ୨୪ ତମ ବିଷୁବ ମିଳନ ଓ ସାରସ୍ୱତ ସମାବେଶ

ବ୍ରହ୍ମପୁର: ସାପ୍ତାହିକ ସମ୍ବାଦପତ୍ର 'ନବୀନ'ର ୨୪ତମ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶ ଅନୁଷ୍ଠିତ ହୋଇଯାଇଛି । ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ପି.ସି. ସାହୁ ମୁଖ୍ୟ ଅତିଥି ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପସଚିବ ଡକ୍ଟର କୁଳମଣି ଓଝା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ସାମ୍ୟବାଦୀ କବି ଶୋଭାଚନ୍ଦ୍ର ଷଡ଼ଙ୍ଗୀ, ମଞ୍ଚ ଉପସ୍ଥାପିକା ବନ୍ଦନା ମିଶ୍ର ଓ ଯୁବକବି କ୍ଷୀରୋଦ କୁମାର ସେଠୀଙ୍କୁ ମୁଖ୍ୟଅତିଥି ପ୍ରଫେସର ସାହୁ ନବୀନ ବିଷୁବ ସମ୍ମାନ-୨୦୨୨ରେ ସମ୍ମାନିତ କରିଥିଲେ ।

ସ୍ୱାଗତ ସମିତି ଅଧ୍ୟକ୍ଷ ପ୍ରଫେସର ଡ଼ମ୍ବରୁଧର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ବାର୍ଷିକ ବିବରଣୀ ପାଠ କରିଥିଲେ । ପ୍ରଥମ ଅଧିବେଶନରେ ଆୟୋଜିତ କବିତା ପାଠୋତ୍ସବରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାହିତ୍ୟିକ କୃଷ୍ଣଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ କବି ପ୍ରମୋଦ କୁମାର ପଣ୍ଡା ମଞ୍ଚାସୀନ ଥିଲେ । ଚିନ୍ମୟ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ବହୁ କବି କବୟତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ 'ନବୀନ'ର ପ୍ରକାଶିକା ମଞ୍ଜୁ ରଥ, ବନ୍ଦନା ମହାପାତ୍ର, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଇଂ. ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ବି. ସତ୍ୟମ୍ ଆଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।




## ବରଗାଁରେ ୯୦ତମ ନାମଯଜ୍ଞ



ସମ୍ବଲପୁର : ପବିତ୍ର ଶ୍ରୀ ରାମ ନବମୀ ଉପଲକ୍ଷେ ବରଗାଁ ଠାରେ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖର ୮ଟି କୀର୍ତ୍ତନ ଦଳ ଯୋଗ ଦେଇଥିଲେ । ଏହି ଅବସରରେ ଗ୍ରାମର ଜଗନ୍ନାଥ ମନ୍ଦିରରେ ଇନଭେଟର ଏବଂ ସ୍ୱତନ୍ତ୍ର ବାଦ୍ୟଯନ୍ତ୍ର ଉଦ୍‌ଘାଟିତ ହୋଇଥିଲା । ଏଥିରେ ସୁବାଷ ପାଣିଗ୍ରାହୀ, ସନ୍ତୋଷ ବାରିକ ଏବଂ ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସମ୍ପାଦକ ଲୋକନାଥ ମିଶ୍ରଙ୍କ ସମେତ ବହୁବ୍ୟକ୍ତି ଉପସ୍ଥିତ ଥିଲେ । ଏହି ମନ୍ଦିରର ଟ୍ରଷ୍ଟବୋର୍ଡରେ ଇଂ. ଅନୁପ ପାଣିଗ୍ରାହୀ ଅଧ୍ୟକ୍ଷ, ବ୍ୟାସଦେବ ପଣ୍ଡା ସମ୍ପାଦକ, ଅମୀୟ ରଞ୍ଜନ ପାଢ଼ୀ କୋଷାଧ୍ୟକ୍ଷ ଏବଂ ଗୌରୀଶଙ୍କର ପୋଢ଼, ମନୋରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ସାହୁ ଓ ସନ୍ତୋଷ ବାରିକ ସଦସ୍ୟ ରହିଛନ୍ତି ।

## ସମଲେଇ ଯୋଜନା ପାଇଁ ଭୂମି ପୂଜନ



ସମ୍ବଲପୁର : ସମଲେଇ ଯୋଜନା ପାଇଁ ଭୂମି ପୂଜନ କରାଯାଇଛି । କମଲିବଜାରଠାରେ ପୂଜା, ପାଠ, ହୋମଯଜ୍ଞ, ମନ୍ତ୍ରୋଚ୍ଚାରଣ ସହ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି । ଏଥିରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ସଦର ଉପଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ସମଲେଇ ଯୋଜନା ଓଏସ୍‌ଡ଼ି ଅନିରୁଦ୍ଧ ପ୍ରଧାନ, ଯୋଜନା କାର୍ଯ୍ୟନ୍ୱୟନ ଦାୟିତ୍ୱରେ ଥିବା ଜିଲ୍ଲା ପ୍ରଶାସନର ଅଧିକାରୀ ତଥା ନିର୍ମାଣକାରୀ ସଂସ୍ଥା ଓଡ଼ିଶା ବ୍ରିକ୍ ଆଣ୍ଡ କନଷ୍ଟ୍ରକ୍‌ସନ କମ୍ପାନି ଲିମିଟେଡ୍ (ଓବିସିସି) ର ଅଧିକାରୀ, ମାଁ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଂଜୟ ବାବୁ ଉପସ୍ଥିତ ଥିଲେ । ପୂଜାସ୍ଥଳରେ ଯୋଜନାର ପ୍ରାରମ୍ଭିକ ନକ୍ସା ଗୁଡ଼ିକ ପ୍ରଦର୍ଶନ କରା ଯାଇଥିଲା ।

## ଆକାଶବାଣୀ କେନ୍ଦ୍ର ଆମ୍ବେଦକର ଜୟନ୍ତୀ



ସମ୍ବଲପୁର: ଆକାଶବାଣୀ ସମ୍ବଲପୁର କେନ୍ଦ୍ରରେ ଭାରତରତ୍ନ ଭୀମରାଓ ଆମ୍ବେଦକର ଙ୍କର ୧୩୧ ତମ ଜନ୍ମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରର ଅଭିଯାନ୍ତ୍ରିକୀ ମୁଖ୍ୟ ରମେଶ ଚନ୍ଦ୍ର ଭୋଇ, କାର୍ଯ୍ୟକ୍ରମ ମୁଖ୍ୟ ମନୋଜ କୁମାର ପୂଜାରୀଙ୍କ ସମେତ କେନ୍ଦ୍ରର ଅନେକ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ବାବାସାହେବ ଆମ୍ବେଦକରଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟ ଅର୍ପଣ ସହ ଭାରତୀୟ ସମ୍ବିଧାନକୁ ତାଂକର ପ୍ରମୁଖ ତଥା ଉଲ୍ଲେଖନୀୟ ଭୂମିକା ଏବଂ ସାମଗ୍ରିକ ଭାବରେ ପ୍ରେତ୍ୟକ ଭାରତୀୟଙ୍କୁ ସାମାଜିକ, ଅର୍ଥନୈତିକ ଏବଂ ମାନବିକ ଅଧିକାର ପ୍ରଦାନ କରାଇବାରେ ତାଂକର ବଳିଷ୍ଠ ଅବଦାନ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ । ଆକାଶବାଣୀ ରିକ୍ରିଏସନ କ୍ଲବର ସମ୍ପାଦକ କ୍ଷେତ୍ରମଣି ବିଭାର ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ସଂଚାଳନ କରିଥିଲେ ।

## ସିଆଲଖଣ୍ଡହତା ହାଇସ୍କୁଲର ୧୯୬୧ ମ୍ୟାଟ୍ରିକ ବ୍ୟାଚର ବୈଠକ

ସମ୍ବଲପୁର: ସିଆଳଖଣ୍ଡହତା ହାଇସ୍କୁଲର ୧୯୬୧ ମ୍ୟାଟ୍ରିକ ବ୍ୟାଚ୍‌ର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପ୍ରତିବର୍ଷ ପୁରାତନ ଛାତ୍ରମାନଙ୍କର ବୈଠକ ଆୟୋଜନ କରି ବିଦ୍ୟାଳୟର ଶିକ୍ଷାରେ ଉନ୍ନତି ପାଇଁ ପଦକ୍ଷେପ ନେବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ପରୀକ୍ଷିତ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା । ପ୍ରଥମେ ତତ୍‌କାଳୀନ ଦିବଙ୍ଗତ ପ୍ରଧାନ ଶିକ୍ଷକ ଉଦୟନାଥ ପଣ୍ଡା, ସଂସ୍କୃତ ଶିକ୍ଷକ ନାରାୟଣ ତ୍ରିପାଠୀ, ଗଣିତ ଶିକ୍ଷକ କନ୍ଦର୍ପ ତ୍ରିପାଠୀ, ବିଜ୍ଞାନ ଶିକ୍ଷକ ବ୍ରଜବନ୍ଧୁ ମିଶ୍ର, ଖେଳ ଶିକ୍ଷକ ବଳରାମ ମିଶ୍ର ଏବଂ କ୍ରାଫଟ୍ ଶିକ୍ଷକ ବଂଶୀଧର ସାହୁଙ୍କ ବିୟୋଗ ତଥା ଦିବଙ୍ଗତ ଛାତ୍ରଙ୍କ ସକାଶେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ରଘୁନାଥ ପଣ୍ଡା, ଉଦ୍ଧବ ମହାପାତ୍ର, ମନୋହର ସାହୁ, ସାହେବ ଭୋଇ, କଳାକାହ୍ନୁ ମହାପାତ୍ର, ଉତ୍ତମ ପୁରୋହିତ, ଶଶିଭୂଷଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।



## 'ତ୍ୟାଗ' ଓ ଶତକ ରକ୍ତଦାତା ଦୁର୍ଗା ପାଢ଼ୀ ସମ୍ବର୍ଦ୍ଧିତ

ସମ୍ବଲପୁର: ରକ୍ତଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓ କୋଭିଡ୍ ଲକଡାଉନ ସମୟରେ ୨୦୨୦ ବୁର୍ଲା ମେଡ଼ିକାଲର ରୋଗୀ ସମ୍ପର୍କୀୟଙ୍କୁ ଦୀର୍ଘ ୭୦ ଦିନ ଧରି ଖାଦ୍ୟ ବଣ୍ଟନ କରି କୋଭିଡ ରୋଗୀ ସେବା କରିଥିବା ଯୋଗୁଁ ବରପାଲି ନିକଟସ୍ଥ ବିଶିପାଲି ଗ୍ରାମରେ କୋଶଳ ନିଉଜ ପକ୍ଷରୁ 'ତ୍ୟାଗ'କୁ ବିଶେଷ ରୁପେ ସମ୍ବର୍ଦ୍ଧିତ କରାଯାଇଥିଲା । ବିରଞ୍ଚି ମାହାପାତ୍ର, ଅଂଶୁ ବେହେରା, ଲାଲୁ ବିଶ୍ୱାସ, ଦୁର୍ଗା ପାଢ଼ୀ ପ୍ରମୁଖ ସମ୍ମାନ ଗ୍ରହଣ କରିଥିଲେ । ଶତକ ରକ୍ତ ଦାତା ରୁପେ ତ୍ୟାଗ ର ପ୍ରତିଷ୍ଠାତା ସଭାପତି ଦୁର୍ଗା ପାଢ଼ୀ ଙ୍କୁ ମଧ ସ୍ୱତନ୍ତ୍ର ରୂପେ ସମ୍ମାନିତ କରାଯାଇଥିଲା ।



## ଡକ୍ଟର ବିଶ୍ୱ ମୋହନ ଜେନାଙ୍କୁ ହିନ୍ଦ ରତନ୍ ପୁରସ୍କାର



ସମ୍ବଲପୁର: ସମ୍ବଲପୁର ଜିଲ୍ଲା ଏନ୍‌ଏସ୍‌ଏସ୍ ସଂଯୋଜକ ତଥା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ମୁଖ୍ୟ ଅଧାପକ ଡକ୍ଟର ବିଶ୍ୱ ମୋହନ ଜେନାଙ୍କୁ ସର୍ବୋଚ୍ଚ ପ୍ରବାସୀ ଭାରତୀୟ ସମ୍ମାନ 'ହିନ୍ଦ ରତନ୍ ପୁରସ୍କାରରେ ସମ୍ମାନିତ କରାଯାଇଛି । ନୂଆଦିଲ୍ଲୀରେ ଅନୁଷ୍ଠିତ ୪୧ତମ ପ୍ରବାସୀ ଭାରତୀୟ ସମ୍ମିଳନୀରେ ଡକ୍ଟର ଜେନାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ସାମାଜିକ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସେ ଏହି ପୁରସ୍କାର ପାଇଛନ୍ତି । ରକ୍ତଦାନ, ଟ୍ରାଫିକ୍ ସଚେତନତା, ଦୁର୍ଘଟଣା ରୋକିବା, ବୃକ୍ଷରୋପଣ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେଉଥିବା ଡକ୍ଟର ଜେନା ୨୫ଟି ପାଠ୍ୟ ପୁସ୍ତକ ରଚନା କରିଛନ୍ତି । ସେ ମଧ ୧୦ଟି ପୁସ୍ତକ ସଂପାଦନା କରିଛନ୍ତି । ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ସେ ତମାଖୁ ନିରୋଧ, ବର୍ଜ୍ୟବସ୍ତୁ ପରିଚାଳନା, ସ୍ୱଚ୍ଛତା ଅଭିଯାନ ଆଦି ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ ଜାରି ରଖିଛନ୍ତି ।

## ଝାରସୁଗୁଡ଼ା ଡିଏଭିରେ ଆମ୍ବେଦକର ଜୟନ୍ତୀ

ଝାରସୁଗୁଡ଼ା: ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ୧୩୨ ତମ ଡ. ଆମ୍ବେଦକର ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଡିଏଭି ପରିବାର ତରଫରୁ ପ୍ରଗତି ମାର୍ଗରେ ପ୍ରତିଷ୍ଠିତ ଡ.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ଓ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ଡ. ଆମ୍ବେଦକରଙ୍କ ପ୍ରତିଫଳକକୁ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ । ବରିଷ୍ଠ ଆଇନଜ୍ଞ ତଥା ବିଦ୍ୟାଳୟ ସମିତି ସଦସ୍ୟ ତାପସ କୁମାର ରାୟ ଚୌଧୁରୀ ଅତିଥିଭାବେ ଯୋଗଦାନପୂର୍ବକ ଆମ୍ବେଦକରଙ୍କ ଅତୁଳନୀୟ ଅବଦାନ ସନ୍ଦର୍ଭରେ ନିଜ ବିଚାର ବ୍ୟକ୍ତ କରିଥିଲେ । ଶିକ୍ଷକ ବିଶ୍ୱରଞ୍ଜନ ପାଢ଼ୀ ଆମ୍ବେଦକରଙ୍କ ଜୀବନବୃତ୍ତାନ୍ତ ପାଠ କରିଥିଲେ । ଶିକ୍ଷୟିତ୍ରୀ ନମିତା ପାଣ୍ଡେ ଜୟନ୍ତୀ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ବରିଷ୍ଠ ଶିକ୍ଷକ ସୁବାଷ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra